ଧରିତ୍ରୀ
DHARITRI
May 22-28, 2022 ₹ 2/-



୩

ପ୍ରଚ୍ଛଦ ପ୍ରସଙ୍ଗ

# ଓଡ଼ିଶାରେ ଅର୍କିଡ

ଅର୍କିଡ ! ସୌନ୍ଦର୍ଯ୍ୟ ହିଁ ଯାହାର ପରିଚୟ। ଦିନେ ଅର୍କିଡ କହିଲେ ମନକୁ ଆସୁଥିଲା ଥାଇଲାଣ୍ଡ, ବାଙ୍ଗାଲୋର, କଲିକତାର କଥା। ହେଲେ ଏହି ବିଦେଶୀ ଫୁଲ ଆଉ ବିଦେଶୀ ହୋଇ ରହିନାହିଁ। ଓଡ଼ିଶାର ଫୁଲପ୍ରେମୀଙ୍କ ସହ ଜଳବାୟୁ ବି ଆପଣେଇ ନେଲାଣି ତାକୁ । ଯେଉଁଥିପାଇଁ ଭୁବନେଶ୍ୱରରୁ ଆରମ୍ଭ କରି ଗଞ୍ଜାମରୁ ଝାରସୁଗୁଡା ଯାଏ ସବୁଠି ଦେଖିବାକୁ ମିଳୁଛି ଅର୍କିଡର ସମ୍ଭାର...

# କିପରି ବଢିବ ସୁଖଶାନ୍ତି

ଅନେକ ସମୟରେ ଦେଖାଯାଏ, କିଛି ବିଶେଷ କାରଣ ନଥାଇ ବି ଛୋଟ ଛୋଟ କଥାକୁ ନେଇ ଘରେ ଝଗଡ଼ା ଲାଗେ, କ୍ରମେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ଘରୁ ସୁଖଶାନ୍ତି କୁଆଡ଼େ ହଜିଗଲା ଭଳି ଅନୁଭବ ହୁଏ। ଏ କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ଅନେକେ ସନ୍ଦେହ କରିଥାନ୍ତି। ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ଘରେ କେମିତି ସୁଖଶାନ୍ତି ବୃଦ୍ଧି ପାଇବ ଆସନ୍ତୁ ଜାଣିବା ସେ ନେଇ କିଛି ଟିପ୍ସ...



✲ ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜୀମା ଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

✲ ସେହିପରି, ପ୍ରତି ଗୁରୁବାର ଦିନ ତୁଳସୀ ଚଉରାରେ କିଛି କ୍ଷୀର ଢାଳିଲେ ଘରେ ଅଯଥାରେ କଳହ ଲାଗେ ନାହିଁ। ଏହି ଉପାୟ ଦ୍ୱାରା ବି ସୁଖଶାନ୍ତି ବୃଦ୍ଧି ପାଇଥାଏ।

✲ ଅନ୍ୟପକ୍ଷେ କୁହାଯାଏ, ଘରର ଡ୍ରଇଁ ରୁମ୍‌ରେ ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋ ଲଗାଇବା ମଧ୍ୟ ଘର ପାଇଁ ଶୁଭ ହୋଇଥାଏ।

✲ ଘରର ଉତ୍ତର ଦିଗରେ ତୁଳସୀ କିମ୍ବା ଅଁଳା ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ। ତା'ସହିତ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ସେହିପରି ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ମଧ୍ୟ ଘରେ ଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୨-୨୮

**ମେଷ** – ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ଘର ସାଜସଜ୍ଜା କରିବେ, ବନ୍ଧୁ ସାହାଯ୍ୟ ପାଇବେ, ଗୁରୁଜନ ସ୍ୱାସ୍ଥ୍ୟରେ ଉନ୍ନତି, ସଫଳଭ୍ରମଣ ଓ କାର୍ଯ୍ୟସିଦ୍ଧି, ବକେୟା ପାଉଣା ପାଇବେ, ସଙ୍ଗୀତ ଚଳଚ୍ଚିତ୍ରରେ ସମସ୍ୟା, କର୍ମକ୍ଷେତ୍ରରେ ସମାଲୋଚନା।

**ବୃଷ** – ପାରିବାରିକ ସମସ୍ୟା, ଭାବପ୍ରବଣତା ବଢିବ, କର୍ମକ୍ଷେତ୍ରରେ ପଦୋନ୍ନତି, ଧାର କରଜ କରିପାରନ୍ତି, ବାଣିଜ୍ୟର ଅଭିବୃଦ୍ଧି, ବନ୍ଧୁପ୍ରସ୍ତାବର ଅନୁମୋଦନ, ଦୂରଯାତ୍ରା କରିପାରନ୍ତି, ଲୋକସମ୍ପର୍କ ବୃଦ୍ଧି।

**ମିଥୁନ** – କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣଯୋଗୁ କ୍ଳାନ୍ତି, ସନ୍ତାନ ସକାଶେ ଦୁଶ୍ଚିନ୍ତା, ସତ୍‌ସଙ୍ଗର ସାନ୍ନିଧ୍ୟ, ଅତିଥିସେବାର ସୁଯୋଗ, ଆର୍ଥିକ ଅଭିବୃଦ୍ଧି, ପଡ଼ୋଶୀଙ୍କ ପ୍ରେରଣା, ନିର୍ମାଣକୁ ନେଇ ବିବାଦ, ରୋଗପୀଡ଼ା କମିବ।

**କର୍କଟ** – ମାନସିକ ଶାନ୍ତି ପାଇବେ, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ ଉପଲବ୍ଧ, ସଂସ୍କୃତି ଜ୍ଞାନ ବଢିବ, ଭ୍ରମଣକାଳରେ କ୍ଳେଶ, ଭ୍ରାତୃସମ୍ପର୍କହାନି, ମାଲି ମକଦ୍ଦମାରେ ବିଜୟ, କର୍ମତତ୍ପରତା ବୃଦ୍ଧି।

**ସିଂହ** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବେ, ମନୋରଞ୍ଜନରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣା, ବ୍ୟୟାଧିକ୍ୟରୁ ମନସ୍ତାପ, ଅଭୀଷ୍ଟ ସିଦ୍ଧି ଘଟିବ, ଅଧ୍ୟାପନା କ୍ଷେତ୍ରରୁ ସମ୍ମାନ, ପେଟରୋଗର ସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ।

**କନ୍ୟା** – ସମ୍ପର୍କୀୟଙ୍କ ସଦ୍‌ଭାବ, ଯୋଗାଣ କାରବାରରେ ଉନ୍ନତି, ମାଙ୍ଗଳିକକାମର ଆଲୋଚନା, ଭାବପ୍ରବଣତା ବୃଦ୍ଧି, ବିଷାଦ ଦୂରେଇଯିବ, ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଚିନ୍ତା, ଦୈହିକ ଦୁର୍ବଳତା।

**ତୁଳା** – ବନ୍ଧୁମିଳନ ଘଟିବ, ଭ୍ରମଣ ସୁଯୋଗ ଜୁଟିବ, ଯାତ୍ରାରେ ବିପଦ ଆଶଙ୍କା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଧାରସୂତ୍ରରେ ଅର୍ଥପ୍ରାପ୍ତି, ଯାନବାହନରେ ତ୍ରୁଟି, ନିଜ ପରିସରରେ ପ୍ରତିଷ୍ଠା, ସମ୍ମାନିତ ହୋଇପାରନ୍ତି, କାର୍ଯ୍ୟସ୍ଥଗିତ ରହିପାରେ।

**ବିଛା** – ନୂତନମୈତ୍ରୀ, କର୍ମଜଞ୍ଜାଳ ବୃଦ୍ଧି, ପାରିବାରିକ ବିତର୍କ, ସହକର୍ମୀଙ୍କ ଆଶ୍ୱାସନା, ଆର୍ଥିକଦୁରବସ୍ଥା, ରଚନାତ୍ମକ କାର୍ଯ୍ୟାରମ୍ଭ, କ୍ରୀଡ଼ା ପ୍ରତିଯୋଗିତାରୁ ସମ୍ମାନ, ଲୋକସମ୍ପର୍କ ବୃଦ୍ଧି, ନୂତନ ଯୋଜନାର ଅଗ୍ରଗତି, ମାନସିକଶାନ୍ତି।

**ଧନୁ** – ବନ୍ଧୁଙ୍କୁ ଭେଟିପାରନ୍ତି, ନିଜ କାମରେ ଅବହେଳା, କମ୍ପାରିଶ୍ରମିକରୁ ମନଦୁଃଖ, ସମସ୍ୟାର ସମାଧାନ, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ, ଶତ୍ରୁ ଉପଦ୍ରବ ହ୍ରାସ, ପ୍ରଶାସନିକତତ୍ପରତା, ରାଜନୀତିରେ ପ୍ରତିଷ୍ଠା, କଚେରି ମାମଲାରୁ ଦୁଶ୍ଚିନ୍ତା।

**ମକର** – ନୂତନ ଯୋଜନାରମ୍ଭ, ପଡ଼ୋଶୀଙ୍କ ପରାମର୍ଶ, ଯାନବାହନ କ୍ରୟ, ଯାତ୍ରାରୁ ସୁଫଳ, ସମ୍ପର୍କବୃଦ୍ଧି, ପ୍ରତିବାଦର ସମ୍ମୁଖୀନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, କରଜଦାତାଙ୍କ ଚାପ, କାର୍ଯ୍ୟ ଅସମ୍ପୂର୍ଣ୍ଣ, ଅମୂଳକ ଆଶଙ୍କା।

**କୁମ୍ଭ** – ମିତ୍ରବନ୍ଧୁ ଜୁଟିବେ, ଉତ୍ସାହିତ ରହିପାରନ୍ତି, ପ୍ରତିକୂଳ ପରିବେଶ ସୃଷ୍ଟି, ତର୍କ ଓ ବିବାଦ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଯାତ୍ରାରେ ଲକ୍ଷ୍ୟପୂରଣ, ମାନସିକ ଶାନ୍ତି, ବ୍ୟବସାୟିକ ଉତ୍କର୍ଷ, କଳାସଙ୍ଗୀତରେ ସମ୍ମାନ।

**ମୀନ** – ଉଚ୍ଚଚିନ୍ତା, ବନ୍ଧୁଙ୍କ ପରାମର୍ଶ, ସାହାଯ୍ୟର ପ୍ରତିଶ୍ରୁତି, ସହକର୍ମୀଙ୍କ ଉଦାରତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିକୂଳ ପରିସ୍ଥିତିର ଚାପ, ବୁଝାମଣା ବଦଳିଯିବ, ପକ୍ଷପାତିତାରୁ କଳହ, ଅଧ୍ୟାପନାରେ ଏକାଗ୍ରତା, କାମ ଅଟକିବ ନାହିଁ।

# ରୋଷେଇ ଘରର ଔଷଧ



**ଆ**ପଣ ଜାଣନ୍ତି କି ରୋଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଔଷଧୀୟ ଗୁଣ ପାଇଁ ଏହା ଆମର ଅନେକ ଉପକାରରେ ଆସିଥାଏ। ଯେମିତି କି: **ଅଁଳା:** ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସରେ ଭରା ଅଁଳା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବ୍ରଣ ସମସ୍ୟାରୁ ମୁକ୍ତି, କ୍ୟାନ୍‌ସର ସହ ଲଢିବା ତଥା କେଶରେ ପ୍ରାକୃତିକ ଚମକ୍ ଆଣିବାରେ ବେଶ୍ ଉପକାରୀ ହୋଇଥାଏ। **ଡାଲ୍‌ଚିନି:** କୋଲେଷ୍ଟରଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇବାରେ ଏହା ସହାୟକ ହୋଇଥାଏ। **ଅଦା-ରସୁଣ:** ସ୍ମରଣଶକ୍ତି ଓ ଭୋକ ବଢାଇବା, ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଥଣ୍ଡା କାଶରୁ ଅଦା ଅନେକାଂଶରେ ମୁକ୍ତି ଦେଇଥାଏ। ରସୁଣ କୋଲେଷ୍ଟରଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖିବା ସହ ଥଣ୍ଡାଜନିତ ରୋଗରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ। **ମହୁ:** ମହୁ ଓ ଅଦା ରସ ଖାଇଲେ ଥଣ୍ଡାକାଶରୁ କିଛି ମାତ୍ରାରେ ଉପଶମ ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଇବାରେ ସାହାଯ୍ୟ କରେ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ଆରାମ ମିଳେ। **ଗୁଡ:** ଥଣ୍ଡା ସମସ୍ୟା ସହିତ ଗଳା ଓ ପେଟ ସମ୍ବନ୍ଧୀୟ ନାନାଦି ରୋଗରୁ ଏହା ଉପଶମ ଦେଇଥାଏ। ଥକ୍କାପଣ ବି ଦୂର କରିଥାଏ। **ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ, ଫ୍ରେଶ୍ ଲାଗେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ସାହାଯ୍ୟ କରେ।

# ପାଠକୀୟ

✲ସନ୍ତାନ ପାଇଁ ଯିଏ ସର୍ବସ୍ୱ ତ୍ୟାଗ କରିପାରେ, ସେ କେବଳ ମା'। ଯାହା ପ୍ରମାଣିତ କରିଛନ୍ତି ଏମିତି କେତେଜଣ ମା'। କେଉଁଠି ସେ ନିଜେ ଭିନ୍ନକ୍ଷମ ତ ପୁଣି କେଉଁଠି ସନ୍ତାନ ଭିନ୍ନକ୍ଷମ। କିନ୍ତୁ ଏମିତି ଲାଳନପାଳନ କରିଛନ୍ତି ଆଉ ଦେଖେଇ ଦେଇଛନ୍ତି ତାଙ୍କ ସନ୍ତାନ କାହାଠାରୁ ନୁହେଁ କମ୍। ତେଣୁ ଏଭଳି ଏକ ହୃଦୟସ୍ପର୍ଶୀ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମା''ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ବାସ୍ତୁ ଅନୁସାରେ ଶୋଇବା ଘର' ପାଠଟିରୁ ବହୁ ଅଜଣା କଥା ଜାଣିହେଲା।

***-ତନୁଜା ସେଠୀ, ବଜ୍ରକବାଟି ରୋଡ୍, କଟକ***

✲ ଯିଏ ନିଜ ଆୟୁଷକୁ ବାଜି ଲଗାଇ ସର୍ବଦା ପିଲାମାନଙ୍କର ଶୁଭକାମନା କରୁଥାଏ, ସକାଳ ପହରୁ ରାତି ହେବା ଯାଏ ପିଲାଙ୍କ ସେବାରେ ଲାଗିଥାଏ ; ସେ ଆଉ କେହି ନୁହେଁ, ସେ ହେଉଛି ମା'। ତେଣୁ ଏହି ମା'ମାନଙ୍କର ଶ୍ରଦ୍ଧା, ଭଲପାଇବା ଓ ତ୍ୟାଗକୁ ନେଇ ଉପସ୍ଥାପନା କରାଯାଇଥିବା ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମର୍ମସ୍ପର୍ଶୀ ହୋଇପାରିଥିଲା। 'ଶଢ଼େଇରେ ତିଆରି କଳାକୃତି' ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା।

***-ମମତା ମହାନ୍ତି, ଝାଡେଶ୍ୱରୀ ଲେନ୍, ପୁରୀ***

✲ ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ କବିତାର ଲକ୍ଷଭେଦୀ ଶାୟକ: ବିପିନ ନାୟକଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ ନିଷ୍ପତ୍ତି ନାମକ ଗପଟି ବି ଖୁବ୍ ହୃଦୟସ୍ପର୍ଶୀ ଥିଲା। 'ମା'ର ପଣତ କାନି', 'ପାଉଁଜି' ନାମକ କବିତା ଦୁଇଟି ବି ଭାରୀ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ପ୍ରିୟଙ୍କା ଚୋପ୍ରାଙ୍କର ଫଟୋଟି ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗୁଥିଲା।

***-ରାଜେଶ ସେଠୀ, ମୟୂରଭଞ୍ଜ***

✲ ଗାଳ୍ପିକ ତଥା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମନକୁ ବେଶ୍ ଛୁଇଁଗଲା। 'ଲେନ୍ସରେ ମଙ୍ଗଳାଯୋଡ଼ି' ନାମକ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। 'ସଂଗ୍ରାହକ ସୌମ୍ୟରଞ୍ଜନ'ଙ୍କ ପାଠଟି ବି ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା। ମଡେଲ୍ ମିରର୍‌ରେ ସମ୍ବିତ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହରଠୁ ଦୂର ପୃଷ୍ଠାରୁ 'କୁଲ୍ ସମର୍ ଡେଷ୍ଟିନେଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***-ସ୍ୱୟଂପ୍ରକାଶ ମିଶ୍ର, ବଲାଙ୍ଗୀର***

✲ବିବିଧା ପୃଷ୍ଠାରେ ସ୍ଥାନିତ 'ହ୍ୟାଣ୍ଡ ପେଣ୍ଟ ଇଲ୍ୟୁଜନ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋଟିଏ କମ୍ପାନୀରେ ୮୪ ବର୍ଷ', 'ମଡେଲ୍ ଜାଆଁଳା ଭଉଣୀ' ଓ 'ସାଥୀରେ ନେଇ ପାରିବେ ପେଟ୍ ଫିଶ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

***-ମନୋଜ ଭୂୟାଁ, କାକଟପୁର, ପୁରୀ***

## ବିଶେଷ ଚିଠି



ପ୍ରଚ୍ଛଦେ ପଢିଲି ମା' ସମ୍ପର୍କରେ
ହୃଦେ ଖେଳିଗଲା ଖୁସିର ଧାରା
ସତରେ ଛୁଟିଦିନ ତୁମେ
ଧରିତ୍ରୀର ଏକ ଉଜ୍ଜ୍ୱଳ ତାରା।
ଷୋହଳ ପୃଷ୍ଠାରେ ସିନା ତୁମେ ଗଢା
ପ୍ରତିଟି ପୃଷ୍ଠା କିନ୍ତୁ ମତୁଆଲା କରେ
ଆବାଳ ବୃଦ୍ଧ ବନିତାଙ୍କୁ
ଦେଇ କେତେ ନୂଆ ନୂଆ ଇସାରା।
ସେଥିପାଇଁ ଛୁଟିଦିନ ତୁମେ ମହାନ୍
ସହାୟ ହୋଇଥାନ୍ତୁ ତୁମକୁ ସର୍ବଦା
ଭଗବାନ।

***-ରାକେଶ ସ୍ୱାଇଁ,***
***ବରମୁଣ୍ଡା, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଓଡ଼ିଶାରେ ଅର୍କିଡ

**ଅର୍କିଡ ! ସୌନ୍ଦର୍ଯ୍ୟ ହିଁ ଯାହାର ପରିଚୟ। ଦିନେ ଅର୍କିଡ କହିଲେ ମନକୁ ଆସୁଥିଲା ଥାଇଲାଣ୍ଡ, ବାଙ୍ଗାଲୋର, କଲିକତାର କଥା। ହେଲେ ଏହି ବିଦେଶୀ ଫୁଲ ଆଉ ବିଦେଶୀ ହୋଇ ରହିନାହିଁ। ଓଡ଼ିଶାର ଫୁଲପ୍ରେମୀଙ୍କ ସହ ଜଳବାୟୁ ବି ଆପଣେଇ ନେଲାଣି ତାକୁ । ଯେଉଁଥିପାଇଁ ଭୁବନେଶ୍ୱରରୁ ଆରମ୍ଭ କରି ଗଞ୍ଜାମରୁ ଝାରସୁଗୁଡା ଯାଏ ସବୁଠି ଦେଖିବାକୁ ମିଳୁଛି ଅର୍କିଡର ସମ୍ଭାର...**





ଅର୍କିଡ ! ତା'ର ସୌନ୍ଦର୍ଯ୍ୟରେ କାହାକୁ ବା ବିମୋହିତ ନ କରେ। ଏହା ଦେଖିବାକୁ ଯେମିତି ସୁନ୍ଦର ସେମିତି ସତେଜ୍ ରହିବାରେ ବି ଦୀର୍ଘସ୍ଥାୟୀ। ଏହି ଫୁଲ ଥରେ ଫୁଟିଲେ ମାସେ ଦେଢ଼ ମାସ ଯାଏ ସେମିତି ସତେଜ ରହିଥାଏ। ତେବେ ଦିନେ ଓଡ଼ିଶାର ଜଳବାୟୁରେ ଅର୍କିଡ ଫୁଟିବ କି ନାହିଁ ତାହା ଅନେକେ ଭାବୁଥିଲେ। ହେଲେ ଓଡ଼ିଶାର ଜଳବାୟୁରେ ଭଲ ବଢ଼ି ପାରୁଥିବା ଚାରା ଚୟନ ସହ ଉପଯୁକ୍ତ ଯତ୍ନ ଯୋଗୁ ଆଉ ଏଠାରେ ଅପହଞ୍ଚ ହୋଇ ରହିନି ଅର୍କିଡ।

**ଅର୍କିଡ ମାୟାରେ ଜୟା :** ପିଲାଦିନୁ ହିଁ ତାଙ୍କର ଗଛ ପ୍ରତି ଥିଲା ଦୁର୍ବଳତା। ଗଛଟିଏ ଲଗାଇବା ତାହାର ଯତ୍ନ ନେବାରେ ହିଁ ଥିଲା ତାଙ୍କର ଖୁସି। ଆଉ ସେହି ଖୁସି ପାଇଁ ତାଙ୍କ ବଗିଚାରେ ଏବେ ହଜାର ହଜାର ଗଛ। ଭିନ୍ନ ଭିନ୍ନ ପ୍ରକାରର ଦେଶୀ ବିଦେଶୀ ଫୁଲରୁ ଆରମ୍ଭ କରି ୫୦୦ରୁ ଊର୍ଦ୍ଧ୍ୱ ବୋନସାଇ ଓ ୬୦୦ରୁ ଊର୍ଦ୍ଧ୍ୱ ଅର୍କିଡ ଏବେ ତାଙ୍କ ବଗିଚାରେ। ଏ ହେଲେ ଜୟା ଜେନା। ମାଲକାନଗିରିର ଚିତ୍ରକୋଣ୍ଡାରେ ଜନ୍ମିତ ଜୟାଙ୍କର ପିଲାବେଳ କଟିଛି କୋରାପୁଟରେ। ତାଙ୍କର ବାପା ସେଠାରେ ଇଞ୍ଜିନିୟର ଥିଲେ। ସେହି ଛୋଟ ବେଳୁ ହିଁ ଜୟା ଗଛ ଲଗାଇବାକୁ ଖୁବ୍ ଭଲ ପାଉଥିଲେ। ସମୟକ୍ରମେ ୧୯୯୩ରେ ବିବାହ ପରେ ସେ କଳାହାଣ୍ଡି ଆସନ୍ତି ଆଉ ସେଠାରେ ଗଛ ଲଗାଇବା ଆରମ୍ଭ କରନ୍ତି। ସ୍ୱାମୀଙ୍କ ଚାକିରି ପାଇଁ ତାଙ୍କୁ ବିଭିନ୍ନ ଜାଗାକୁ ବଦଳି ହେବାକୁ ପଡିଥାଏ। ଯୁଆଡେ ଯାଇଛନ୍ତି ତାଙ୍କ ପ୍ରିୟ ଗଛମାନଙ୍କୁ ସାଙ୍ଗରେ ନେଇ ଯାଇଛନ୍ତି। ୧୯୯୪ରେ ଜୟା ପ୍ରଥମେ ଗୋଟିଏ ଓସ୍ତ ଗଛ ବୋନସାଇ ଆରମ୍ଭ କରନ୍ତି, ଯାହା ଏବେ ବି ତାଙ୍କ ପାଖରେ ଅଛି। ଏବେ ତାଙ୍କ ପାଖରେ ପ୍ରାୟ ବିଭିନ୍ନ ଗଛର ୫୦୦ରୁ ଊର୍ଦ୍ଧ୍ୱ ବୋନସାଇ। ତେବେ ୨୦୧୦ ବେଳକୁ ଜୟା ପ୍ରଥମେ ତାଙ୍କ ବଗିଚାକୁ ଆଣନ୍ତି ଅର୍କିଡ। ବାଙ୍ଗାଲୋରରୁ ପ୍ରଥମେ ସେ ଆଣିଥିଲେ ଅର୍କିଡ। ତା'ପରେ କୋଲକାତା ଆଦି ବିଭିନ୍ନ ଜାଗାରୁ ଅର୍କିଡ ସଂଗ୍ରହ କରିବା ସହିତ ଖୁବ୍ ଯତ୍ନରେ ଗଛ ବଢ଼େଇଲେ। କିନ୍ତୁ ଦୁଇ ବର୍ଷ ଯାଏ ଫୁଲ ଆସିଲା ନାହିଁ। ଜୟା କୁହନ୍ତି, 'ଖୁବ୍ ମନଦୁଃଖ ହେଉଥାଏ। ତଥାପି ଫଙ୍ଗିସାଇଡ୍ ସ୍ପ୍ରେ କରିବା ସହିତ ଫର୍ଟିଲାଇଜର ସ୍ପ୍ରେ କରୁଥାଏ। ଦିନେ ବଗିଚାରେ ବୁଲୁବୁଲୁ ଦେଖିଲି ଗୋଟିଏ ଗଛରେ କଢ଼ ଆସିଛି। ତା'ପରେ ସବୁ ଗଛରେ ପ୍ରାୟ କଢ଼ ଆସିଗଲା। ସେବେଠାରୁ ଆଉ କେବେ ଫୁଲ ବନ୍ଦ ହୋଇନାହିଁ। ଅନ୍ୟଗଛ ତୁଳନାରେ ଅର୍କିଡର ଯତ୍ନ ଟିକେ ଅଲଗା। ଏହି ଗଛ ପାଇଁ ଠିକ୍ ପରିମାଣର ସୂର୍ଯ୍ୟାଲୋକ ସହ ବାୟୁ, ପାଣି ଓ ଆର୍ଦ୍ରତା ଆବଶ୍ୟକ। ପ୍ରତିଦିନ ଗଛମାନଙ୍କରେ ପାଣି ସ୍ପ୍ରେ କରିବା ସହିତ ନିୟମିତ ବ୍ୟବଧାନରେ ଫର୍ଟିଲାଇଜର, ଫଙ୍ଗିସାଇଡ୍, ବ୍ୟାକ୍ଟେରିଆସାଇଡ୍ ଏବଂ ଇନ୍‌ସେକ୍ଟିସାଇଡ ସ୍ପ୍ରେ କରାଯାଏ, ଯାହାଦ୍ୱାରା ଗଛ ପୋଷକତତ୍ତ୍ୱ ପାଇବା ସହ ରୋଗମୁକ୍ତ ରୁହେ। ଅର୍କିଡ ପାଇଁ ମୁଁ ଶେଡ୍ ତିଆରି କରିଛି। ଶେଡ୍‌ରେ ରହିଲେ ହିଁ ଅର୍କିଡ ଭଲ ରହିପାରିବ। କାରଣ ଭୁବନେଶ୍ୱରର ଯାହା ତାପମାତ୍ରା ସିଧା ସୂର୍ଯ୍ୟକିରଣ ଅର୍କିଡ ପାଇଁ ଆଦୌ ଭଲ ନୁହେଁ। ତା'ଛଡା କୋଲକାତା ଏବଂ ବାଙ୍ଗାଲୋର ଅର୍କିଡ ଭୁବନେଶ୍ୱରର ଜଳବାୟୁରେ ଭଲ ବଢ଼ିପାରିବ। ସାଧାରଣତଃ ଡିସେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ଅର୍କିଡ ଫୁଲ ଆସିବାର ସମୟ। କିନ୍ତୁ

→



ଆଶିଷ ପାଳିତ



ଜୟା ଜେନା







ଉପଯୁକ୍ତ ଯତ୍ନରେ ରହିପାରିଲେ ସାରା ବର୍ଷ ବି ଫୁଲ ଆସିପାରିବ। ଏବେ ମୋ ପାଖରେ ଡେନ୍‌ଡ୍ରୋଡିୟମ, ଫେଲୋନେଫୋସିସ, ଭାଣ୍ଡା, ମକାରା, କ୍ୟାଟେଲିଆ ଆଦି ୭-୮ ପ୍ରକାରର ୫୦୦ରୁ ଊର୍ଦ୍ଧ୍ୱ ଅର୍କିଡ ରହିଛି। ଏଥିମଧ୍ୟରୁ ଫେଲୋନେଫୋସିସ୍‌ରେ ବର୍ଷସାରା ଫୁଲ ଫୁଟୁଥିବା ବେଳେ ଭାଣ୍ଡାରେ ବର୍ଷକୁ ଦୁଇ ଥର ଫୁଲ ଆସିଥାଏ। ଡେନ୍‌ଡ୍ରୋଡିୟମ ଫୁଲ ଆସିବା ପରେ ମରିଯାଏ। କିନ୍ତୁ ତା' ମୂଳରୁ ନୂଆ ଗଛ ବାହାରିଥାଏ। ସାଧାରଣତଃ ନଡିଆକତା, କୋକପିଟ୍ ଓ କୋଇଲା ଆଦିରେ ଲଗାଯାଉଥିବା ଅର୍କିଡ ବାୟୁରୁ ଖାଦ୍ୟ ସଂଗ୍ରହ କରେ। ତେଣୁ ଜୟା ତାଙ୍କର ୬ ନମ୍ବର ସ୍ଥିତ କ୍ୱାର୍ଟରେ ଘର ଛାତ ଉପରେ ଓ ତଳେ ଶେଡ୍ କରି ଅର୍କିଡକୁ ଟଙ୍ଗେଇଛନ୍ତି। ଏହିଠାରେ ୧୧ ବର୍ଷ ରହିବା ଭିତରେ ତାଙ୍କ ଅର୍କିଡ ସଂଖ୍ୟା ବହୁତ ବଢ଼ିଛି। ସେ ଅର୍କିଡ ବିଭିନ୍ନ ଜାଗାରୁ ଆଣିବା ସହିତ ଅନ୍‌ଲାଇନରେ ମଧ୍ୟ ଗଛ ମଗାଇଥାଆନ୍ତି। ବାରମ୍ବାର ବାତ୍ୟା, ପବନ ହେବା ଆଦିରେ ତାଙ୍କର ଶେଡ୍ କ୍ଷତିଗ୍ରସ୍ତ ହୋଇଛି। ଗଛ ନଷ୍ଟ ହୋଇଯାଇଛି। କିନ୍ତୁ ଏ ସବୁ ଜୟାଙ୍କର ମନୋବଳ ଭାଙ୍ଗି ଦେଇନାହିଁ, କିନ୍ତୁ ଆହୁରି ସୁନ୍ଦର ହୋଇଉଠିଛି ତାଙ୍କ ବଗିଚା।

## ସବୁଜ ବଳୟର ସ୍ୱପ୍ନ

ହୋଟେଲ୍ ବ୍ୟବସାୟ କରନ୍ତି କିନ୍ତୁ ସବୁଜିମାର ସ୍ୱପ୍ନ ଦେଖନ୍ତି। ତାଙ୍କ ଚାରିକଡର ଦୁନିଆକୁ କେମିତି ସବୁଜିମାରେ ପୂର୍ଣ୍ଣ କରିବେ, ସେଇଥିରେ ସେ ଲାଗିଥାନ୍ତି। ଇଏ ହେଲେ ଆଶିଷ ପାଲିତ। ଘର ଝାରସୁଗୁଡାରେ । ମାଇନିଂ କମ୍ପାନୀରେ ବିଭିନ୍ନ ପ୍ରୋଜେକ୍ଟରେ କାମ କରିବା ସହିତ ତାଙ୍କର ଝାରସୁଗୁଡାରେ ରହିଛି ହୋଟେଲ୍। ତେବେ ତାଙ୍କ ହୋଟେଲ୍‌ର ବିଶେଷତ୍ୱ ହେଉଛି ଏଠାରେ ସେ ଅର୍ଗାନିକ୍ ଫାର୍ମିଂ କରି ଏହି ପରିବାକୁ ସେ ହୋଟେଲରେ ବ୍ୟବହାର କରନ୍ତି। ତା' ସହିତ ହୋଟେଲସାରା ପ୍ଲାଷ୍ଟିକ୍‌ଫୁଲ ବଦଳରେ ବିଭିନ୍ନ ଗଛ ଓ ସତେଜ ଫୁଲରେ ହୋଟେଲକୁ ସଜାଇଛନ୍ତି। ବିଭିନ୍ନ ପ୍ରକାର ଗଛ ଲଗାଇବାରେ ରୁଚି ରଖୁଥିବା ଆଶିଷ ଲକ୍‌ଡାଉନ୍ ସମୟରେ କୋଲକାତାରେ ରହୁଥିବା ଡାକ୍ତର ସୌମେନ୍ଦ୍ର ହାଜରାଙ୍କ ଘରେ ଅର୍କିଡ୍ ଦେଖିବା ପରେ ଇଚ୍ଛା କଲେ ସେ ଅର୍କିଡ୍ ଲଗାଇବେ। ସୌମେନ୍ଦ୍ର ହିଁ ତାଙ୍କୁ ଅର୍କିଡ୍ ସମ୍ପର୍କରେ କହିବାପରେ ସେ ପ୍ରଥମେ ଥାଇଲାଣ୍ଡରୁ ଅର୍କିଡ୍ ମଗାଇଲେ। ତା'ପରେ ବାଙ୍ଗାଲୋର, କୋଲକାତା ଆଦି ବିଭିନ୍ନ ଜାଗାରୁ ଯାହା ନୂଆ ଭେରାଇଟି ଭଲ ଲାଗିଲା ତାକୁ ନେଇ ଆସନ୍ତି। ଗଛ ଲଗାଇବା ସହିତ ଗଛର ଉପଯୁକ୍ତ ଦାୟିତ୍ୱ ବି ନେଲେ ; ଯାହା ଫଳରେ ଖୁବ୍‌ଶୀଘ୍ର ଫୁଲ ଆସିଗଲା। ଏବେ ତାଙ୍କ ପାଖରେ ବାର ତେରଟା ଭେରାଇଟିର ୫୦୦୦ରୁ ଊର୍ଦ୍ଧ୍ୱ ଅର୍କିଡ୍ ରହିଛି। ଏସବୁ ଭିତରେ ମୁଖ୍ୟତଃ ଡେନ୍‌ଡ୍ରୋଡିୟମ କାଟାଲିଆ, ଫାଲାନୋପସିସ୍, ରିଙ୍କୁ ଷ୍ଟାଇଲ୍, ଅନ୍‌ସିଡିୟମ୍, ଭାଣ୍ଡା, ସିମବିଡିୟମ୍, ମିଲ୍‌ଟୋନିଆ ଆଦି ଅର୍କିଡ୍ ରହିଛି। ସେ ଅର୍କିଡ୍ ପାଇଁ ତିନୋଟି ବଡ ବଡ ଶେଡ୍ କରିଛନ୍ତି। ଆଶିଷଙ୍କର ଅଧିକାଂଶ ଅର୍କିଡ୍ ଥାଇଲାଣ୍ଡର । ଶେଡ୍ ସହ ଅର୍କିଡ୍ ପାଇଁ ସେ ସ୍ୱତନ୍ତ୍ର କୁଣ୍ଡ ବି ତିଆରି କରିଛନ୍ତି। ନଡିଆକତା ଓ କୋକୋପିଟ୍ ଛଡା କୋଇଲାରେ ଲଗାଇଲେ ଅର୍କିଡ୍ ଭଲ ହେଉଛି ବୋଲି କୁହନ୍ତି ଆଶିଷ। ଗଛ ସବୁର ଯତ୍ନ ନେବା ପାଇଁ ୧୦ଜଣ ମାଳୀ ଥିଲେ ବି ଅର୍କିଡ୍‌ର ଦେଖାଶୁଣା ସେ ନିଜେ ହିଁ ସେ କରନ୍ତି। ଅର୍କିଡ୍ ଛଡା ତାଙ୍କ ବଗିଚାରେ ୧୧୦ପ୍ରକାରର ହୋୟା ପ୍ଲାଣ୍ଟ ରଖିଛନ୍ତି। ସେମିତି ଆନ୍ଥୁରିୟମ୍‌ର ପ୍ରାୟ ସବୁ ପ୍ରଜାତି ସହ ଆଗ୍ଲୋନିମା, ବିଭିନ୍ନ ପ୍ରକାରର ଇଣ୍ଡୋର ପ୍ଲାଣ୍ଟ ଓ ଦେଶୀ ବିଦେଶୀ ପ୍ରାୟ ବହୁତ ପ୍ରକାରର ଫୁଲ ଗଛ ରହିଛି। ପ୍ରାୟ ୧୫୦୦୦ରୁ ଊର୍ଦ୍ଧ୍ୱ ଗଛ ତାଙ୍କ ବଗିଚାରେ ରହିବା ସହ ଦେଶି ବିଦେଶୀ ବିଭିନ୍ନ ପ୍ରଜାତିର ପକ୍ଷୀ ରଖିଛନ୍ତି। ଆଶିଷଙ୍କର ଇଚ୍ଛା ଘର ଆଉ ହୋଟେଲକୁ ଗ୍ରୀନ୍‌ଜୋନ୍ କରିବା ସହ ଯେତେ ସମ୍ଭବ ସବୁ ପ୍ରଜାତିର ଅର୍କିଡ୍ ଆଣି ଲଗାଇବେ।

**ଅର୍କିଡ ଦେଇଛି ରୋଜଗାର:** ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ସାତୁଳୀ ଗ୍ରାମକୁ ଯିବା ରାସ୍ତା କଡ଼ରେ ଦେଖିବାକୁ ମିଳେ ଅର୍କିଡ ଫୁଲର ସମ୍ଭାର। ଭୁବନେଶ୍ୱରଠାରୁ ହୁମା ୧୨୬ କିମି ଆସିବା ପରେ ସେଠାରୁ ମାତ୍ର ୪ କି.ମି ପୁରୁଷୋତ୍ତମପୁର ଯିବା ରାସ୍ତା ଲୁଂଘୁରି ଗ୍ରାମ ପରେ ଏକ ବୁଲାଣିଆ ରାସ୍ତା ପଡିବ। କିଛି ବାଟ ଯିବା ପରେ ଆସିବ ଅର୍କିଡଫୁଲର କିଆରି। ବିନା ମାଟିରେ ହେଉଥିବା ଏହି ଗଛର ଫୁଲ ଦେଖିବାକୁ ଯେତିକି ସୁନ୍ଦର ତା'ର ଦାମ୍ ମଧ୍ୟ ସେତିକି ଅଧିକ। ମୁଖ୍ୟତଃ ଥାଇଲାଣ୍ଡରୁ ଆସୁଥିବା ଏହି ଗୋଟିଏ ଗଛର ଦାମ୍ ଗୋଟିଏ ଡଲାର ଅର୍ଥାତ ଭାରତରେ ସତୁରି ଟଙ୍କା। ଗୋଟିଏ ଗଛ ପ୍ରାୟ ତିନି ବର୍ଷରୁ ଚାରି ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିବାବେଳେ ଗଛରେ ପ୍ରାୟ ବର୍ଷକରେ ୯ ଥର ଫୁଲ ଫୁଟିଥାଏ। ଗଞ୍ଜାମରେ ଅର୍କିଡ୍ ଫୁଲକୁ ବ୍ୟବସାୟ ଉଦ୍ଦେଶ୍ୟରେ ଚାଷ କରିଛନ୍ତି କିଛି ଚାଷୀ। ସେମିତି ଜଣେ ଚାଷୀ ହେଲେ ସନ୍ତୋଷପୁର ପଞ୍ଚାୟତ ସାତୁଳୀ ଗ୍ରାମର ସୁଦାମ ଜେନା। ସେ କୁହନ୍ତି, ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ବାପା ଚାଲିଗଲେ। ଅଭାବ ଅନଟନ ଯୋଗୁ ପାଠପଢା ଛାଡି ଗାଁ ପିଲାଙ୍କ ସହ କାମ କରିବାକୁ ସୁରଟ ଚାଲି ଯାଇଥିଲି । କିଛି ବର୍ଷ ପରେ ଗାଁକୁ ଫେରି କ'ଣ କାମ କରିବି ଚିନ୍ତା କରୁଥିଲି। ଏହି ସମୟରେ କୋଲକାତାର ଜଣେ ବ୍ୟକ୍ତି ତା'ଙ୍କ ଗାଁରେ ଜାଗା କିଣି ଗୋଟେ ପ୍ରୋଜେକ୍ଟ କରିବାକୁ ଭାବୁଥିଲେ। ମୁଁ ତାଙ୍କ ସହ ମିଶିବା ପରେ ତାଙ୍କୁ ଅର୍କିଡ୍ ଚାଷ ଲାଗି ପ୍ରବର୍ତ୍ତାଇଥିଲି। ମୋ କଥାରେ ରାଜି ହୋଇ ଉକ୍ତ ବ୍ୟକ୍ତି ଅର୍କିଡ୍ ଚାଷ ପାଇଁ ମନସ୍ଥ କଲେ। ଗ୍ରାମକୁ ଲାଗିଥିବା ସେହି ଦୁଇ ଏକର ଜମିରେ ୨୦୧୫ରୁ ମୁଁ ଏହି ଚାଷ କରିଆସୁଛି। ପ୍ରଥମେ ଥାଇଲାଣ୍ଡରୁ ଗଛ ଆଣିବା ପରେ ମାଟିଠାରୁ ପ୍ରାୟ ତିନି ଫୁଟ ଉଚ୍ଚ ସିମେଣ୍ଟ ଖୁଣ୍ଟରେ ବାଡ଼ କରି ଗଛ ଲଗାଇଥିଲି। ଅତ୍ୟଧିକ ଖରା ଯେମିତି ଗଛ ଉପରେ ନ ପଡେ ସେଥିପାଇଁ ଉପରେ ଏକ ଜାଲି ଟାଣିଛି। କାରଣ ଏହି ଗଛ ସିଧାସଳଖ ସୂର୍ଯ୍ୟରଶ୍ମୀ ସହିପାରେ ନାହିଁ। ବର୍ଷକୁ ଗୋଟିଏ ଗଛରେ ୯ ଥର ଫୁଲ ଫୁଟେ। ଗୋଟିଏ ଫୁଲର ଷ୍ଟିକ୍ ପିଛା ୧୦ ଟଙ୍କାରୁ ୧୬ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ବିଶେଷ କରି ଏହି ଫୁଲଗୁଡିକ ବିଭିନ୍ନ ସାଜସଜ୍ଜା ପାଇଁ ବ୍ୟବହାର ହୋଇଥାଏ। ଏହି ଫୁଲର ଚାହିଦା ଓଡିଶାରେ ଅପେକ୍ଷାକୃତ କମ୍ ଥିବା ବେଳେ ମୁମ୍ବାଇ, କୋଲକାତା, ପଶ୍ଚିମବଙ୍ଗ ଓ ଅହମଦାବାଦ ଆଦି ରାଜ୍ୟଗୁଡିକରେ ବେଶି ଚାହିଦା ରହିଛି । ଏହି ଫୁଲଗୁଡିକୁ ହୁମା ଫ୍ଲାୱାର ନାମରେ ପ୍ୟାକିଙ୍ଗ କରି ବାହାର ରାଜ୍ୟକୁ ପଠାଯାଉଛି। ଏଥିସହ ଅର୍ଡର ଥିଲେ ରାଉରକେଲା, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରକୁ ମଧ୍ୟ ବସ ଯୋଗେ ପଠାଯାଉଛି। ଗତ ତିନିବର୍ଷ ହେବ କରୋନା ଯୋଗୁ ଫୁଲ ବିକ୍ରି ହୋଇ ନ ପାରି ପ୍ରାୟ ୩୦-୪୦ ଲକ୍ଷ ଟଙ୍କା କ୍ଷତି ହୋଇଛି। ଏହି ଫୁଲ ଚାଷ ପାଇଁ ପ୍ରଶାସନ ସ୍ତରରେ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ପ୍ରଶାସନ ସହାୟତା ମିଳିଲେ ଓଡ଼ିଶାରେ ଏହି ଅର୍କିଡର ବ୍ୟବସାୟ ବହୁତ ଆଗକୁ ବଢିପାରିବ।

ସତରେ ଦିନେ ବିଦେଶୀ ଫୁଲର ନାଁ ନେଇଥିବା ଅର୍କିଡ ଏବେ ଓଡ଼ିଶାର ବିଭିନ୍ନ ଜାଗାରେ ଓ ଅଧିକାଂଶ ଘରେ ଦେଖିବାକୁ ମିଳୁଛି। ଅନେକେ ଏହାକୁ ସୌଖୀନ ଭାବରେ ଲଗାଉଥିବା ବେଳେ ଅନେକଙ୍କ ପାଇଁ ଏହା ରୋଜଗାରର ମାଧ୍ୟମ ପାଲଟିଛି।

**-ରୋଜାଲିନ୍ ମହାନ୍ତି**

ତଥ୍ୟ- ବିଦ୍ୟାଧର ସାହୁ (ଗଞ୍ଜାମ)





ସୁଦାମ ଜେନା



# ସମର୍ ସ୍କାର୍ଫ



**ଖରାଦିନେ ପ୍ରଖର ସୂର୍ଯ୍ୟକିରଣରୁ ନିଜକୁ ରକ୍ଷା କରିବା ପାଇଁ ଅନେକେ ସମର୍ ସ୍କାର୍ଫର ବ୍ୟବହାର କରିଥାନ୍ତି। କାରଣ ଏହି ସ୍କାର୍ଫ କେବଳ ଖରା କୋପରୁ ତ୍ୱଚାକୁ ରକ୍ଷା କରିଥାଏ ତାହା ନୁହେଁ, ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ତା'ହେଲେ ଆସନ୍ତୁ ଜାଣିବା ସେମିତି କେତୋଟି ଟ୍ରେଣ୍ଡି ସମର୍ ସ୍କାର୍ଫ ସମ୍ପର୍କରେ...**

---

**✲ ପୋଲ୍କା ଡଟ୍ ସମର୍ ସ୍କାର୍ଫ:** ପୋଲ୍କା ଡଟ୍ ପ୍ରିଣ୍ଟ କେବେ ବି ଆଉଟ୍ ଅଫ୍ ଫ୍ୟାଶନ୍ ହୁଏ ନାହିଁ। ଖାସ୍‌କରି ଏହି ପ୍ରିଣ୍ଟର ସମର୍ ସ୍କାର୍ଫ ବି ଯୁବତୀଙ୍କର ଖୁବ୍ ପ୍ରିୟ ହୋଇଥାଏ। ଖରାରେ ବାହାରକୁ କୁଆଡ଼େ ଗଲାବେଳେ ଏହାକୁ ମୁହଁରେ କିମ୍ବା ମୁଣ୍ଡରେ ଗୁଡାଇ ଖରାରୁ ରକ୍ଷା ପାଇପାରିବେ ନଚେତ୍ ଜିନ୍ସ ଓ ଟପ୍ସ ସହ ଏହାକୁ ବେକରେ ଷ୍ଟାଇଲ୍‌ରେ ପକାଇ ସ୍ମାର୍ଟ ଲୁକ୍ ପାଇପାରିବେ।

**✲ ପ୍ରିଣ୍ଟେଡ୍ ଫ୍ଲୋରାଲ୍ ସମର୍ ସ୍କାର୍ଫ:** ଫ୍ଲୋରାଲ୍ ଡିଜାଇନ୍‌ର ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଖରାଦିନେ ଫ୍ରେଶ୍ ଲୁକ୍ ମିଳିଥାଏ। ବିଶେଷକରି ଖରାଦିନେ ଏହି ପ୍ରିଣ୍ଟର ସମର୍ ସ୍କାର୍ଫ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ବି ମିଳେ। ମୁଖ୍ୟତଃ ଏହାକୁ ଜିନ୍ସ ଓ ଟପ୍ସ ହେଉ ଅବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**✲ ଆନିମଲ ପ୍ରିଣ୍ଟ ସମର୍ ସ୍କାର୍ଫ:** ଆନିମଲ ପ୍ରିଣ୍ଟର ଫ୍ୟାଶନ୍ ମଧ୍ୟ କେବେ ବି ଆଉଟ୍‌ଡେଟେଡ୍ ହୁଏ ନାହିଁ। ଏହାର ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଲୁକ୍ ସର୍ବଦା ଫ୍ୟାଶନେବଲ୍ ଲାଗିଥାଏ। ଖାସ୍‌କରି ଏହି ପ୍ରିଣ୍ଟର ସମର୍ ସ୍କାର୍ଫକୁ ଜିନ୍ସ ଓ ଟପ୍ସ କିମ୍ବା ଶର୍ଟ୍ସ ସହ ପିନ୍ଧିଲେ ଖରାଦିନେ ସ୍ମାର୍ଟ ଲୁକ୍ ମିଳିଥାଏ।

**ସ୍କାର୍ଫର ଲେଙ୍ଗ୍‌ଥକୁ ନେଇ କିଛି ଟିପ୍ସ**

ସ୍କାର୍ଫ ମୁଖ୍ୟତଃ ତିନୋଟି ଭିନ୍ନ ଭିନ୍ନ ଲେଙ୍ଗ୍‌ଥ ବା ଲମ୍ବାରେ ଉପଲବ୍ଧ ହୋଇଥାଏ, ଯଥା: ଶର୍ଟ ଲେଙ୍ଗ୍‌ଥ, ମିଡିୟମ୍ ଲେଙ୍ଗ୍‌ଥ ଏବଂ ଲଙ୍ଗ୍ ଲେଙ୍ଗ୍‌ଥ। ସ୍କାର୍ଫର ଲେଙ୍ଗଥ୍ ବି ଲୁକ୍ ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତି କି...

**✲ ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଜିନ୍ସ ଓ ଟପ୍ସ ହେଉ ଅବା ପ୍ଲାଜୋ ପ୍ୟାଣ୍ଟ କିମ୍ବା ଟ୍ରାଉଜର ପ୍ୟାଣ୍ଟ ସହ ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ ବେଶ୍ ଭଲ ମାନିଥାଏ। ଖାସ୍‌କରି ଏହାକୁ ବେକ ଓ କାନ୍ଧ ଚାରିପଟେ ଷ୍ଟାଇଲିଶ୍ ଭାବେ ଗୁଡ଼ାଇ ମଡର୍ନ ଲୁକ୍ ପାଇହୁଏ। ମୁଖ୍ୟତଃ ଡେଙ୍ଗା ଯୁବତୀଙ୍କୁ ଏହି ଷ୍ଟାଇଲ୍ ଖୁବ୍ ଭଲ ଦେଖାଯାଇଥାଏ। ଆଉଟିଂରେ କିମ୍ବା ଶପିଂ ପାଇଁ ଗଲାବେଳେ ଏହି ଷ୍ଟାଇଲ୍‌କୁ ଅନୁକରଣ କଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ।

**✲ ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** କାଜୁଆଲ୍ ଲୁକ୍ ପାଇଁ ହେଉ ଅବା ଅଫିସିଆଲ୍ ପାର୍ଟି ପାଇଁ ହେଉ ; ଯୁବତୀମାନେ ଚାହିଁଲେ ଫର୍ମାଲ୍ ଟ୍ରାଉଜର୍ ସୁଟ୍ ସହ ବେକରେ ଏହି ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫକୁ ଷ୍ଟାଇଲିଶ୍ ଭାବେ ବାନ୍ଧିପାରିବେ। ଏହାଛଡ଼ା ଲଙ୍ଗ୍ ଶାର୍ଟ ହେଉ ଅବା କୁର୍ତ୍ତା ସାଙ୍ଗରେ ବି ଏହି ଲେଙ୍ଗ୍‌ଥର ସ୍କାର୍ଫକୁ ମ୍ୟାଚିଂ କରି ପିନ୍ଧା ଯାଇପାରିବ।

**✲ ଲଙ୍ଗ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଏହି ସ୍କାର୍ଫର ଲମ୍ବା ଟିକେ ଅଧିକ ଥାଏ। ତେଣୁ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଯୁବତୀମାନେ ଚାହିଁଲେ ସାଲୱାର-କମିଜ୍ କିମ୍ବା ପ୍ଲାଜୋ ପ୍ୟାଣ୍ଟ ସହ ଏହି ସ୍କାର୍ଫକୁ ଆଉ ବେକରେ ନ ଗୁଡ଼ାଇ କାନ୍ଧରେ ଲମ୍ବା ଭାବେ ଗୋଟିଏ ପାର୍ଶ୍ୱ କରି ପକାଇ ପାରିବେ। ଆଉ ଯଦି ଜିନ୍ସ ଓ ଟପ୍ସ କିମ୍ବା ଫର୍ମାଲ୍ ପ୍ୟାଣ୍ଟ ସାର୍ଟ ସହ ଏହି ସ୍କାର୍ଫ ପିନ୍ଧିବାକୁ ଚାହୁଁଥାନ୍ତି, ତା'ହେଲେ ଏହାକୁ ଷ୍ଟାଇଲିଶ୍ ଭାବେ ବେକରେ ଗୁଡ଼ାଇ କାନ୍ଧର ଉଭୟ ପାର୍ଶ୍ୱକୁ ଓହଳାଇ ରଖିପାରିବେ।









# ପ୍ରେରଣା ଦିଏ ଜନଜାତିଙ୍କ ଜୀବନଶୈଳୀ

















ଆଦିବାସୀଙ୍କ ଜୀବନଶୈଳୀ ସମ୍ପର୍କରେ ଗଳ୍ପ, ପ୍ରବନ୍ଧ, ସଂସ୍କୃତିକୁ ନେଇ ତାଙ୍କର ଦୁନିଆ ଓ ସ୍ୱପ୍ନ। ଓଡ଼ିଆ ଜନଜାତି ସାହିତ୍ୟ କ୍ଷେତ୍ରରେ ତାଙ୍କ ରଚନାର ଭିନ୍ନ ପରିଚୟ ମିଳେ। ଦୀର୍ଘ ୨ଦଶନ୍ଧି ଧରି ଆଦିବାସୀମାନଙ୍କ ଜନଜୀବନ, ଲୋକଭାଷା, ଲୋକସଂସ୍କୃତି, ଲୋକସାହିତ୍ୟର ବିଚାର ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗଭିତ୍ତିକ ଲେଖାକୁ ନେଇ ସର୍ବଦା ଅନୁଧ୍ୟାନ କରିଆସୁଛନ୍ତି। ଏଯାଏ ରଚନା କରିଥିବା ପ୍ରାୟ ୧୧ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି। ଏଥିପାଇଁ ତାଙ୍କୁ ବିଭିନ୍ନ କ୍ଷେତ୍ରରୁ ପୁରସ୍କୃତ ଓ ସମ୍ମାନ ମିଳିଛି। ତାଙ୍କ ଲେଖାରେ ସର୍ବଦା ଆଦିବାସୀଙ୍କ ଜୀବନଶୈଳୀର କଳାତ୍ମକ ଦିଗ ସହିତ ବାସ୍ତବ ଦୃଷ୍ଟିଭଙ୍ଗିକୁ ସେ ପ୍ରତିଫଳନ କରିବାର ପ୍ରୟାସ କରିଥାନ୍ତି । ସେ ହେଲେ ଦେବାଶିଷ ପାତ୍ର। ଜନ୍ମ ୨୦ସେପ୍ଟେମ୍ବର ୧୯୭୦ମସିହାରେ। ପିତା ନରେଶଚନ୍ଦ୍ର ପାତ୍ର, ମା' ପ୍ରତିମା ପାତ୍ର । ଘର ବାଲେଶ୍ୱର ଜିଲାର ଭୋଗରାଇ ବଜାରରେ। ସେ କୁହନ୍ତି, ସ୍କୁଲ ବୟସରୁ ହିଁ ଲେଖାଲେଖି ପ୍ରତି ମୋର ଅଭ୍ୟାସ ରହିଛି । ସେତେବେଳେ ଘରେ ବିଭିନ୍ନ ସମୟରେ ବାପା ସହିତ ତାଙ୍କର ବନ୍ଧୁମାନେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ବାପା ଥିଲେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ। କିନ୍ତୁ ଜେଜେ ମା' ଘରେ ସବୁଦିନ ଗୀତାଭାଗବତକୁ ଶୁଣାଉଥିଲେ। ସେତେବେଳୁ ଏମାନଙ୍କ ପ୍ରଭାବ ମୋ ଉପରେ ପଡ଼ିଥିଲା। ସମୟକ୍ରମେ ଭୋଗରାଇ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସାରି ନାମ୍ପୋ ହାଇସ୍କୁଲରେ ୧୦ମ ପାସ୍ କରିଥିଲି। ଏହାପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ +୨ବିଜ୍ଞାନ ପଢିଲି, ପୁଣି ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ସ୍ନାତକ ଏବଂ ଭୁବନେଶ୍ୱର ବାଣୀବିହାରରେ ସ୍ନାତକୋତ୍ତର ପଢ଼ା ସାରିଲି। ୧୯୯୯ମସିହାରେ ମାଲକାନଗିରି ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଚାକିରି କରିଥିଲି। କିନ୍ତୁ ମୋର ସାହିତ୍ୟ ସାଧନା ଜାରି ରହିଥାଏ। ଅବଶ୍ୟ ୧୯୮୭ ମସିହାରେ ମୋର ଏକ ଲେଖା ନୀରବମୁହୂର୍ତ୍ତ ରାଷ୍ଟ୍ରଦୀପରେ ପ୍ରକାଶିତ ହୋଇଥିବାରୁ ତାହା ମୋତେ ଉତ୍ସାହିତ କରିଥିଲା। ସମୟକ୍ରମେ ରଚନା କରିଥିବା ବିଭିନ୍ନ ଗଳ୍ପ, କବିତା, ପ୍ରବନ୍ଧ ଆଦି କେତୋଟି ପୁସ୍ତକ ଆକାରରେ ପ୍ରକାଶିତ ହୋଇସାରିଛି। କେବଳ ସେତିକି ନୁହେଁ, ଏକାଧିକ ସ୍ତମ୍ଭ ଲେଖା ମଧ୍ୟ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ତେବେ ଚାକିରି ଜୀବନ ମଧ୍ୟରେ ଆଦିବାସୀମାନଙ୍କ ବିଭିନ୍ନ ପ୍ରସଙ୍ଗକୁ ଆଧାରକରି ଲେଖିଥିବା ଲେଖା ମଧ୍ୟରେ 'ମୁଦୁଲି ପଡ଼ାର ଲୋକେ' ଏକ ପୁସ୍ତକ ବେଶ୍ ଆଦୃତ ହୋଇଛି । ଏଥିରେ ସେମାନଙ୍କ ଜୀବନଶୈଳୀର କଳାତ୍ମକ ଦିଗ ସହିତ ବାସ୍ତବ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳନ କରିବା ପାଇଁ ପ୍ରୟାସ କରିଛି। ଆଦିବାସୀଙ୍କ ସମ୍ପର୍କରେ ଜାଣିବା ପାଇଁ ଅନେକ ସମୟରେ ସେମାନଙ୍କ ପଡ଼ା ଡଙ୍ଗର ଆଦି ବିଭିନ୍ନ ଗାଁକୁ ଯିବାକୁ ପଡ଼ିଛି । ସେଠାରେ ସେମାନଙ୍କ ସହିତ ଅନେକ ଦିନ ବିତାଇଛି। ସେମାନଙ୍କ ଲୋକଭାଷା, ଲୋକ ସଂସ୍କୃତି, ଲୋକ ସାହିତ୍ୟକୁ ଜାଣିବାକୁ ଚେଷ୍ଟା କରିଛି। ସେମାନଙ୍କ ସହିତ ମୋର ଭିନ୍ନ ପରିଚୟରେ ନିଆରା ରୁଚି ସୃଷ୍ଟି ହୋଇଯାଇଛି। ଏଥିପାଇଁ ସେମାନଙ୍କର ବିଭିନ୍ନ ଦିଗକୁ ନେଇ ଗବେଷଣା ଚାଲୁ ରଖିଛି। ଅନେକ କ୍ଷେତ୍ରରେ ସେମାନଙ୍କ ପାରମ୍ପରିକ ସରଳ ଜୀବନଧାରାର ସୁପ୍ରଭାବ ସମାଜର ଉନ୍ନତିରେ ସହାୟକ ହୋଇପାରିଛି। କିନ୍ତୁ ସମାଜର ମୁଖ୍ୟ ସ୍ରୋତରେ ସେମାନେ ସାମିଲ ହେବାପାଇଁ ସେମାନଙ୍କର ବାସ୍ତବ ସମସ୍ୟା ସମାଧାନ ବିଷୟକୁ ଅନୁଧ୍ୟାନ କରିପାରିଥିବାରୁ ନିଜକୁ ଆତ୍ମସନ୍ତୋଷ ମିଳିଥାଏ। ତେବେ ୨୦୧୧ରେ ରାଜଧାନୀ କଲେଜ ଭୁବନେଶ୍ୱର ଏବଂ ୨୦୨୦ରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱରରେ ଭାଷାସାହିତ୍ୟ ବିଭାଗର ଜଣେ ସହଯୋଗୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଆସୁଛି। ଏମିତିରେ ଏମ.ଫିଲ୍ ବିଷୟ ଥିଲା 'ଆଧାତ୍ମିକତା କବି ବୈକୁଣ୍ଠ ନାଥ', ପିଏଚ.ଡି.-ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶରେ ବାଲେଶ୍ୱରର ଭୂମିକା, ଡିଲିଟ୍- ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ । ଏଥିଯୋଗୁ ପିଏଚ.ଡି. ହାସଲ କରିସାରିଛି। କିନ୍ତୁ ସାହିତ୍ୟ ସାଧନାରେ ଜନଜାତିଙ୍କ ସମ୍ପର୍କରେ ପୁସ୍ତକ ହେଲା – ମୁଦୁଲିପଡ଼ାର ଲୋକେ, ଦକ୍ଷିଣାଞ୍ଚଳ ଓଡ଼ିଆ ଜନଜାତି ସଂସ୍କୃତି ସାହିତ୍ୟ, ଜନଜାତି ସାଂସ୍କୃତିକ ପରିଭାଷା, ରେମୋ(ବଣ୍ଡା ଜୀବନ ଓ ସଂସ୍କୃତି), ଡଙ୍ଗର ଯେଉଁଠି କଥା କହେ, ଅରଣ୍ୟର ସ୍ୱର, ଓଡ଼ିଶାର ଜନଜାତି ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ, ଜନଜାତି ଲୋକଧାରା ଓ ବିବିଧ ପ୍ରସଙ୍ଗ, ଓଡ଼ିଶାର ଆଦିବାସୀ ଲୋକଗୀତ ସଞ୍ଚୟନ, ବଣମୁଲକର ଗପ, ଦି ଭିଲେଜ ଅଫ ମହୁଆ ଫ୍ଲାୱାର ଆଦି ପୁସ୍ତକ ରଚନା ବ୍ୟତୀତ ଖୋଲା ଆକାଶ ତଳେ, ଶବ୍ଦସଙ୍ଗମ, ସନାତନର ଦେଶ, ଢୋଲ ଓ ଅନ୍ୟାନ୍ୟଗଳ୍ପ, ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଧାରା, କିଛିକଥା, କିଛିବ୍ୟଥା, ତପୋବନର ଓଁକାର, ମାଲକାନଗିରିର ଶବ୍ଦାବଳୀ, ମାଲକାନଗିରି ପରିଚୟ, ଭାଷଣ ତତ୍ତ୍ୱ ଆଦି ଗଳ୍ପ, କବିତା, ସମାଲୋଚନା ଓ ପ୍ରବନ୍ଧ ପୁସ୍ତକ ପ୍ରକାଶିତ ହୋଇସାରିଛି। ପୁରସ୍କାର ଭାବେ- ପୁରସ୍କାର ଭାବେ- ରାଜ୍ୟ ଯୁବ ସାହିତ୍ୟିକ ପୁରସ୍କାର-୨୦୦୨ ଓଡ଼ିଶା ସରକାର, ଲକ୍ଷ୍ମଣ ନାୟକ ପୁରସ୍କାର୨୦୦୩ ମାଲକାନଗିରି ଜିଲା ପ୍ରଶାସନ, ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର ରାଜୀବ ଗାନ୍ଧୀ ଫୋରମ, ଭୁବନେଶ୍ୱର ପୁସ୍ତକ ମେଳା ୨୦୧୨, ବର୍ଷା ସାହିତ୍ୟ ସମ୍ମାନ-୨୦୧୨, ଓଡ଼ିଶା ବହିମେଳା ସମ୍ମାନ ୨୦୧୩, ତପସ୍ୟା ସୃଜନ , ଲେଖାଲେଖି ଯୁବକବି ସମ୍ମାନ, ସଚ୍ଚି ରାଉତରାୟ କବିତା ପୁରସ୍କାର, କଳିଙ୍ଗ ପୁସ୍ତକମେଳା ପୁରସ୍କାର ସମେତ ଶତାଧିକ ସମ୍ମାନ ଓ ପୁରସ୍କାର ମିଳିଛି। ଆଦିବାସୀଙ୍କ ସମ୍ପର୍କରେ ଲେଖାଲେଖି ବେଳେ ସେମାନଙ୍କ ପ୍ରାକୃତିକ ପରିବେଶରେ ସେମାନଙ୍କ ଭାବ ମୋ ଭିତରେ ଆପେଆପେ ଉଦ୍ରେକ ହୁଏ। ସେଥିପାଇଁ ନିଜକୁ ସେମାନଙ୍କ ମଧ୍ୟରେ ଜଣେ ବୋଲି ଭାବେ। ତେବେ ଆଦିବାସୀଙ୍କ ଜନଜୀବନର ସରଳତା, ବିଶ୍ୱାସ, ଭକ୍ତିଭାବ, କଠିନ ପରିଶ୍ରମ, ସାହସ, ସାଧନା, ନିଷ୍ଠା, ସତ୍ୟତା ଓ ପ୍ରଚଣ୍ଡ ପ୍ରତିଭା ମୋତେ ଲେଖିବାକୁ ପ୍ରେରଣା ଦିଏ। **-ବନବିହାରୀ**









# ଦଶା

**-ସତ୍ୟରଂଜନ ପ୍ରହରାଜ**

ମନେପଡେ କେବେକବେ
ଦରୀ ଦରୁଆନର ଦରୋଟି
ଦଲାଲ ଭାଇର ଦଲିଲ୍
ଦଶଭୁଜାର ବିସର୍ଜନ ବେଳେ
ମୋ ନିଖୋଜ ସାଂଗ
ଓ ସମାନ ଘାଟରେ ତା' ଦଶାହ ୧

ଦୁଃଖ ଏମିତି ଦଶଧା ହୁଏ କି ନବଘନ
ଦେଖ୍.. ଆଜି ଦଲକାଏ ନିଃଶ୍ୱାସରେ
ଲେଖନୀର ସ୍ୟାହି ଦିଶିଲାଣି କାଳକୂଟ ୧

ଦହଗଞ୍ଜି ଜୀବନର
କାଦୁଅ ନେଶିବା କେଉଁ ସରିଲା ଯେ
କେବେ ଉଡି ଚାଲିଗଲା ଦାନାକାନା
କେବେ ସଂପର୍କ ଦାୟରେ
ସରିଆସୁଥାଏ ଦିନକାଳ
ମୁଁ ନୂଆ ସକାଳ ଆଶାରେ ଦିବାଲା ୧

ମୁଁ ଦୁଲାଳ ଥିଲିରେ..ନବଘନ
ଆଜି ଦୁର୍ଭାଗ୍ୟ ଯେତକ
ବସା ବାନ୍ଧିଛନ୍ତି ମୋରି ଚାଳରେ
ମୁଁ ଧୈର୍ଯ୍ୟର ଖୁଦ ବୁଣୁଥାଏ ସବୁଦିନ ୧

ଦୁଃଖ ଯଦି ମରି ପାରିବାର
ସାହସ ଦିଅନ୍ତା
କିଏ କାହିଁ ପାଲଟନ୍ତା ପଥର !!

ସବୁ ଦଶା'ର ତ ଗୋଟିଏ ଭାଷା
ଆଜି ପତ୍ରଝଡା କାଲି ଶ୍ରାବଣ
ଦରଜା ଆଉଜିଦେଲେ
ଦରଜ କମିଯାଏ କି ବଢିଯାଏ
ମୁଁ ଆଜି ବି ବୁଝିନିରେ.. ନବଘନ।

*-ଏରୋଡ୍ରୋମ୍ ଏରିଆ, ଭୁବନେଶ୍ୱର ୭୫୧୦୨୦*
*ମୋ: ୯୭୫୮୪୧୩୫୩୪*

# ବନ୍ଧୁତା

**-ସସ୍ମିତା ମହାନ୍ତି**

ମମି ! ମୁଁ ଟିକେ ଏସ୍ପ୍ଲାନେଡ୍ ମଲ୍ ଯାଉଛି।
-- କାହିଁକି ?
-- ଜଣେ ସାଙ୍ଗକୁ ଦେଖା କରିବାକୁ।
-- କେଉଁ ସାଙ୍ଗ ?
-- ଓହୋ ! ସବୁକଥାରେ ପ୍ରଶ୍ନ ପଚାରିବା ତୁମର ବଡ଼ ଖରାପ ଅଭ୍ୟାସ। ମୁଁ ଯଥେଷ୍ଟ ବଡ଼ ହେଲିଣି ମମି। ବଂଶୀତା ମୋତେ ଅପେକ୍ଷା କରିଥିବ।
-- ବଂଶୀତା !! ଏ ନାଆଁ ତ ଆଗରୁ କେବେ ଶୁଣିନି।
-- ତମେ ତାକୁ ଜାଣିନ ମମି, ସେ ମୋ ଫେସ୍‌ବୁକ୍ ସାଙ୍ଗ। ଆମେ କେହି କାହାକୁ ଦେଖିନୁ। ମୁଁ ଆସୁଛି ମମି, ମୋର ଡେରି ହେଲାଣି।

ଏତିକି କହି ମୋ ଉତ୍ତରକୁ ଅପେକ୍ଷା ନ କରି ସ୍କୁଟି ଷ୍ଟାର୍ଟକରି ଚାଲିଗଲା ମୁଗ୍ଧା। ସାଙ୍ଗ ସହ ସନ୍ଧ୍ୟାଟି କଟେଇ ପ୍ରାୟ ୨ଘଣ୍ଟା ପରେ ମୁଗ୍ଧା ଫେରିଲା। ଖୁସିରେ ମୁହଁ ଚିକ୍‌ମିକ୍ କରୁଥିଲା। ଆସୁ ଆସୁ ଗପ ଲମ୍ବେଇଲା। କେମିତି ସ୍କୁଲରେ ପଢୁଥିବା ସମୟରେ ତା'ର ବଂଶୀତା ସହ ଫେସ୍‌ବୁକ୍ ମାଧ୍ୟମରେ ଚିହ୍ନାହେଲା। ଏବେ ସେ ମେଡିକାଲ ପଢୁଛି। ତାଙ୍କ ଘର ବରୋଦାରେ।ପରସ୍ପରକୁ ନ ଦେଖି ମଧ୍ୟ ସେମାନେ ସିନେମାଠାରୁ ରାଜନୀତି ପର୍ଯ୍ୟନ୍ତ ସବୁ ବିଷୟରେ ଘଣ୍ଟା ଘଣ୍ଟା ଚାଟିଂ କରନ୍ତି। ନିଜ ନିଜର ସୁଖଦୁଃଖ ବାଣ୍ଟନ୍ତି। ବିଭିନ୍ନ ପ୍ରସଙ୍ଗରେ ତର୍କ ମଧ୍ୟ କରନ୍ତି। ବଂଶୀତା ତାକୁ ଢୋକଲା,ଥେପଲା ଇତ୍ୟାଦିର ରେସିପି ପଠାଏ। ସେ ତାକୁ ଦହିବରା, ଆଳୁଦମ,ଡାଲମା ଓ ରସଗୋଲା ତିଆରି ଶିଖାଏ। ନିଜ ଘର, ପରିବାର ଓ ସାଙ୍ଗସାଥୀଙ୍କ ବିଷୟରେ ମଧ୍ୟ ଆଲୋଚନା କରନ୍ତି। ତା'ଠାରୁ ବଂଶୀତା ସବୁବେଳେ ଜଗନ୍ନାଥଙ୍କ କଥା ଶୁଣେ।ଏବେ ସେ ବାପାମାଆଙ୍କ ସହ ପୁରୀ,କୋଣାର୍କ ଓ ଭୁବନେଶ୍ୱର ବୁଲିବାକୁ ଆସିଛି। ବଂଶୀତାଠାରୁ ଖବର ପାଇ ମୁଗ୍ଧା ତାକୁ ଦେଖାକରିବାକୁ ଯାଇଥିଲା। ବଂଶୀତା ଦେଇଥିବା ଆଣ୍ଠୁଆ ଗୋପାଳଙ୍କ ମୂର୍ତ୍ତିଟି ବ୍ୟାଗ୍‌ରୁ କାଢ଼ି ଦେଖେଇଲା ବେଳେ ତା' ମୁହଁରେ ଅଦ୍ଭୁତ ପରିପୂର୍ଣ୍ଣତାର ଭାବ ଦେଖି ପାରୁଥିଲା ମୋ ଆଖି ।

ଭାବପ୍ରବଣ ହୋଇ ମୁଁ କହିଲି, ଆମେ ବି ପିଲାଦିନେ ପତ୍ରବନ୍ଧୁ କରୁଥିଲୁ।ସେତେବେଳେ ଚିଠି ଦ୍ୱାରା ଭାବର ଆଦାନ ପ୍ରଦାନ ହେଉଥିଲା। ବିଭିନ୍ନ ଶିଶୁପତ୍ରିକାର ପତ୍ରବନ୍ଧୁ ବିଭାଗରୁ ଠିକଣା ସଂଗ୍ରହକରି ଆମେ ପରସ୍ପରକୁ ଚିଠିପତ୍ର ଲେଖୁଥିଲୁ। କେହି କାହାକୁ ନ ଦେଖି ମଧ୍ୟ ଚିଠି ମାଧ୍ୟମରେ ପରସ୍ପରକୁ ଜାଣୁଥିଲୁ, ବୁଝୁଥିଲୁ। ନିଜର ରୁଚି, ଖାଦ୍ୟପେୟ, ପୋଷାକ ପରିଚ୍ଛଦ,ଚିନ୍ତାଧାରା,ସଂସ୍କୃତି ଓ ପରମ୍ପରା ବିଷୟରେ ଜଣାଉଥିଲୁ।ଆଜି ଯୁଗ ବଦଳିଛି , ମାଧ୍ୟମ ବଦଳିଛି ସତ, କିନ୍ତୁ ବନ୍ଧୁତା ସୃଷ୍ଟିର ପରମ୍ପରା ପୂର୍ବପରି ରହିଛି।ସ୍କୁଲରେ ପଢ଼ିବା ସମୟରେ ମୋର ମଧ୍ୟ ତିନି ଜଣ ପତ୍ରବନ୍ଧୁ ଥିଲେ।

- ତମେ ସେମାନଙ୍କ କଥା ମୋତେ କେବେ କାହିଁକି କହିନ ? ମୁଗ୍ଧା ବିସ୍ମିତ ଭାବ ଦେଖେଇଲା ଆଖିରେ ।

- କିଛି ବର୍ଷ ଚିଠିପତ୍ର ଦେବାନେବା ଚାଲିଥିଲା। ବ୍ୟସ୍ତତା ବଢ଼ିବାରୁ ସମ୍ପର୍କ ରକ୍ଷାକରିବା ସମ୍ଭବପର ହୋଇ ନ ଥିଲା। କିଏ କୋଉଠି ଅଛନ୍ତି,କ'ଣ କରୁଛନ୍ତି କିଛି ଜାଣିନି। କାହା ବିଷୟରେ ମୋ ପାଖରେ କୌଣସି ଖବର ନାହିଁ। ସଂସାର ଜଞ୍ଜାଳରେ ଭୁଲି ଯୋଗାଯୋଗ ରଖି ହୋଇନି ସତ, ସେମାନେ ମନରେ ଅଛନ୍ତି ।

ମୋ ବ୍ୟାକୁଳତା ଲକ୍ଷ୍ୟକରି ମୁଗ୍ଧା ପଚାରିଲା, ପତ୍ରବନ୍ଧୁମାନଙ୍କ କଥା ମନେପଡୁଛି କି ମମି ? ଚିନ୍ତା କରନାହିଁ ଫେସ୍‌ବୁକ୍ ପରା ଅଛି। ଏବେ ଅକ୍ଷର ନୁହେଁ ବିଭିନ୍ନ କାର୍ଯ୍ୟକଳାପ ସହ ଦେଖି ହେବ , କଥା ହୋଇ ହେବ ।ନିବିଡ଼ତାର ବେଗ ବୁଝିପାରିବ ।

ଆରେ ସତେ ତ ! ମୁଁ ଆଉ ବିଳମ୍ବ ନ କରି ଫେସ୍‌ବୁକ୍ ଖୋଲି ସେମାନଙ୍କ ନାଁ ମୁଗ୍ଧା ସହଯୋଗରେ ଖୋଜିବାରେ ମନ ଦେଲି। ଏତେ ଗହଳି ଭିତରେ ଖାଲିପଣ ତ ସମସ୍ତଙ୍କ ଭିତରେ । ମୁଗ୍ଧା ଆଖିରେ ଆକଟ ନୁହେଁ ବରଂ ଆନନ୍ଦ ଖେଳୁଥିଲା । ତା' ମାଆକୁ ପୁରୁଣା ଦିନର ସାଙ୍ଗ ନୂଆ ରୂପରେ ମିଳୁ ବୋଲି ସେ ମୋର ମାଆ ହୋଇଯାଉଥିଲା ।

*-ମହାନଦୀ ବିହାର, କଟକ*
ମୋ: ୯୪୩୭୨୨୬୭୨୭

# ସବୁଜ ମାୟା

**-ସୁରଞ୍ଜନ ପାତ୍ର**

ଚଇତି ପବନେ ଶୁଭଶାହାନାଇ
ପ୍ରୀତିର ଆଳାପ ତୋଳେ
ରୂପସୀ ଫୁଲର ଆଖିତଳ ନିଆଁ
ନୀରବରେ ମୋତେ ଜାଳେ।
ଅପବାଦର ଯେ ଅଜଣା ଦୁଃଖକୁ
ଭୁଲେଇଛି ଏଇ ତିଥି
ଭଲପାଇବାର ସୁରାକୁ ପିଆଇ
ଶୁଣାଇଛି ମଧୁଗୀତିଟି
ଭରିଅଛି ପୁଣି କେତେ ଆବାହନୀ
ସ୍ମୃତି ମୋର ଛାତିତଳେ
ଚଇତି ପବନେ ଶୁଭଶାହାନାଇ
ପ୍ରୀତିର ଆଳାପ ତୋଳେ ।

ସବୁଜ ମାୟାର ସୁଯୋଗକୁ ପାଇ
ମୁଁ ଏଠି ଆତ୍ମହରା
ଡରନାହିଁ ମୋର ନିଦାଘକୁ ତିଳେ
ଡର ନାହିଁ ତା'ର ଜେରା।
କେତେତ ଖିଆଲି ଭାବନା ଆଜି ମୋ
ସପନ ଦୋଳିରେ ଝୁଲେ
ରୂପସୀ ଫୁଲର ଆଖି ତଳ ନିଆଁ
ନୀରବରେ ମୋତେ ଜାଳେ।

*ଶିଙ୍ଗାଖୁଣ୍ଟା,ସୋର, ବାଲେଶ୍ୱର*
*ମୋ: ୮୧୧୭୮୦୫୯୫୯*



# ତୃପ୍ତିଙ୍କ ହ୍ୟାଟ୍ରିକ

ନବାଗତା ତୃପ୍ତି। ଧାରାବାହିକ 'ମହାଦେବୀ'ର ମୁଖ୍ୟ ଭୂମିକାରେ ଅଭିନୟ କରିବା ପରେ ତାଙ୍କୁ ଓଲିଉଡରେ ସୁଯୋଗ ମିଳିଥିଲା। ଏବେ ତାଙ୍କ ହାତରେ ତିନୋଟି ଫିଲ୍ମ ରହିଛି। ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'ରୁ ସେ ଓଡ଼ିଆ ସିନେମାରେ ଏଣ୍ଟ୍ରି କରିଥିଲେ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସମ୍ବିତ। ଅନ୍ୟପକ୍ଷରେ ସେ ଅଭିନୟ କରୁଥିବା ଦୁଇଟି ସିନେମାର ଶୁଟିଂ ଚାଲୁ ରହିଛି। 'ଲଭ୍ ରିଆକ୍ସନ'ରେ ସେ ନାୟିକା ଭୂମିକାରେ ଦେଖାଦେବେ ଏବଂ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅମ୍ଲାନ। ଅନ୍ୟପକ୍ଷରେ ନିର୍ମାଣାଧୀନ 'ପ୍ରୀତିବନ୍ଧନ'ରେ ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏ ନେଇ ସେ କହନ୍ତି, 'ଡ୍ୟାନ୍ସ ସିନା ମୋ ନିଶା ଥିଲା ହେଲେ ଏବେ ଅଭିନୟକୁ ପେଶା କରିବାକୁ ଯାଉଛି। ଏକାଧାରରେ ଏବେ ମୁଁ ତିନୋଟି ସିନେମାରେ ଅଭିନୟ କରୁଛି। ତା'ସହ ଏହି ଫିଲ୍ମଗୁଡିକରେ ମୋତେ ଦର୍ଶକ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ, ସେଥିରେ ମୋ ଭୂମିକାକୁ ଗୁରୁତ୍ୱ ଦେଇଥାଏ। ଚଳିତ ମାସ ୨୩ରେ ମୋ ବାର୍ଥ ଡେ। ଏହି ଦିନ ଆଉ ଏକ ସିନେମା ସାଇନ୍ କରିବାର ଯୋଜନା ରହିଛି।' ତେବେ ନାୟିକା ଭାବରେ ତୃପ୍ତି ବଡ ପରଦାରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ତୃପ୍ତି

# ତାପସୀଙ୍କ ନୂଆ ଦୁନିଆ

ତାପସୀ ପାନ୍ନୁ ଏବେ ନୂଆ କ୍ଷେତ୍ରରେ ପାଦ ଦେଇଛନ୍ତି। ଅର୍ଥାତ୍ ଅଭିନୟ ପରେ ସେ ବର୍ତ୍ତମାନ ପ୍ରଯୋଜିକା ସାଜିଛନ୍ତି। ନିଜ ହୋମ ପ୍ରଡକ୍ସନ ବ୍ୟାନରରେ ତାପସୀ ନିର୍ମାଣ କରିବାକୁ ଯାଉଥିବା ସିନେମାରେ ସାନା ଫାତିମା ଶେଖ୍ ଏବଂ ରତ୍ନା ପାଠକ ଶାହା ଅଭିନୟ କରିବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଧକ୍ ଧକ୍'। ଏଥିରେ ଦିୟା ମିର୍ଜାଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତରୁଣ ଦୁଦେଜା। ଚାରି ଜଣ ମହିଳାଙ୍କ ଦୁଃସାହସିକ ଜୀବନୀକୁ ନେଇ କାହାଣୀ ଗତିଶୀଳ। ସେମାନେ ଏକ ମୋଟର ସାଇକେଲ ଜର୍ଣ୍ଣିରେ ଯାଉଛନ୍ତି ଏବଂ ସେହି ସମୟରେ ଘଟୁଥିବା ଘଟଣାକୁ ଫିଲ୍ମରେ ଚିତ୍ରଣ କରାଯିବ। ଏ ନେଇ ତାପସୀ କହନ୍ତି, 'ଏପରି ଏକ କାହାଣୀ ଖୋଜିବାକୁ ମୋତେ ପାଖାପାଖି ତିନି ମାସ ସମୟ ଲାଗିଥିଲା। ତା'ପରେ କାହାଣୀ ଅନୁସାରେ କଳାକାର ଚୟନ ପାଇଁ ମୋତେ ମଧ୍ୟ ବେଶ୍ ଚିନ୍ତା କରିବାକୁ ପଡିଥିଲା। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ଏହାର କାହାଣୀ ରଚନା କରିଛନ୍ତି ତରୁଣ ଦୁଦେଜା ଏବଂ ପାରିଜାତ ଜୋଷୀ। ଏହାବ୍ୟତୀତ ରାଜ କୁମାର ହିରାନୀଙ୍କ ଆଗାମୀ ଫିଲ୍ମ 'ଦୁନ୍‌କି'ରେ ତାଙ୍କୁ ଶାହରୁଖ ଖାଁଙ୍କ ସହ ଦେଖିବାକୁ ମିଳିବ।



ତାପସୀ

# କଥା ରଖିଲେ ସାମନ୍ତା

ତାମିଲ ଫିଲ୍ମ ଅଭିନେତ୍ରୀ ସାମନ୍ତା ଯାହା କହିଥିଲେ ତାହା ପୂରଣ କରିଛନ୍ତି। କୋଭିଡ୍ ଯୋଗୁଁ ତାଙ୍କର ଏକ ପ୍ରୋଜେକ୍ଟ ବନ୍ଦ ହୋଇ ପଡି ରହିଥିଲା। ନିକଟରେ ଏହି ଫିଲ୍ମ 'ଖୁସି'ର ପ୍ରଥମ ଟ୍ରେଲର ରିଲିଜ ହୋଇଛି। ଏହା ପୂର୍ବରୁ ସେ ସୂଚନା ଦେଇଥିଲେ ଯେ, ଏହାର ଟ୍ରେଲର ରିଲିଜ ପରେ ସେ ଉକ୍ତ ଫିଲ୍ମର କଳାକାର ଏବଂ ୟୁନିଟର ସମସ୍ତ ସଦସ୍ୟଙ୍କୁ ଡିନର ପାର୍ଟିରେ ଆପ୍ୟାୟିତ କରିବେ। ତେବେ ଟ୍ରେଲର ଶୋ' ପରେ ସେ ସମସ୍ତଙ୍କୁ ହଠାତ୍ ଡିନର ପାର୍ଟିକୁ ଆମନ୍ତ୍ରଣ କରିଥିଲେ। ଏକଥା ଶୁଣିବା ପରେ ସେଠାରେ ଉପସ୍ଥିତ ୟୁନିଟ୍ ସଦସ୍ୟମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏ ନେଇ ସାମନ୍ତା କହନ୍ତି, 'ଆପଣମାନେ ହୁଏତ ଗୋଟିଏ କଥାକୁ ମନେ ରଖିନାହାନ୍ତି। କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ର ଭୋଜନରେ ଆପ୍ୟାୟିତ କରିବେ ବୋଲି କହିଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।' ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୁର ମଜା ଉଠାଇଥିଲେ। ପାର୍ଟି ଆରମ୍ଭ ହେବାର କିଛି ସମୟ ପରେ ସେଠାରେ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବିଜୟ ଦେବରକୋଣ୍ଡା ପହଞ୍ଚିଥିଲେ। ଆଉ ତା'ପରେ ସେଠାରେ ଉପସ୍ଥିତ ୟୁନିଟର ସମସ୍ତ ସଦସ୍ୟଙ୍କୁ ସେ ହସେଇ ହସେଇ ବେଦମ କରିଥିଲେ।



ସାମନ୍ତା

# ଖୋଜିଲା ଚିଜ ମିଳିଗଲା



କରୀନା

ଅଭିନୟରେ କରୀନାଙ୍କ କେତେ ଦକ୍ଷତା ରହିଛି ତାହା କହିବା ବାହୁଲ୍ୟ। ତା'ସହ ନିଜର ଫିଟନେସ୍‌କୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି। ହେଲେ ଏବେ ତାଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କୁ ଏକ ଅନଟାଇଟଲଡ୍ ଫିଲ୍ମରେ ଏପରି ଏକ ଭୂମିକା ମିଳିଛି ଯାହାର ସଫଳତାକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ତା'ସହ ଏଥର ଏକ ନୂଆ କାମ ପାଇଁ ସେ ମନୋନିବେଶ କରିବାକୁ ପ୍ଲାନିଂ କରିଛନ୍ତି। ତାହା କ'ଣ ଜାଣନ୍ତି? ସମାଜସେବା। ଏ ସମ୍ପର୍କିତ କେତୋଟି ସିନେମା ଦେଖିବା ପରେ ତାଙ୍କର ଏହି ଆଶା ଦ୍ୱିଗୁଣିତ ହୋଇଛି। ଏ ବିଷୟରେ କରୀନା କହନ୍ତି, 'ଲୋକମାନଙ୍କ ସହ ଜଡିତ ରହିବାର ଏକ ପ୍ରମୁଖ ମାଧ୍ୟମ ହେଉଛି ସମାଜସେବା। ତେଣୁ ଏ ନେଇ ମୁଁ ମାଇଣ୍ଡ ମେକ୍‌ଅପ୍ କରିସାରିଛି। ତା'ସହ ନିକଟରେ ଏକ ସିନେମା ସାଇନ୍ କରିଛି, ଯେଉଁଥିଲେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ରଖିଛି। ଅସଲ କଥା ହେଲା, ଏହି ଫିଲ୍ମରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି।' ବର୍ତ୍ତମାନ ଶୁଟିଂ ଚାଲୁ ରହିଥିବା ସୁଜୟ ଘୋଷଙ୍କ ଏକ ଫିଲ୍ମ (ଯାହାର ଟାଇଟଲ ଫାଇନାଲ ହୋଇନାହିଁ)ରେ କରୀନା ଅଭିନୟ କରୁଛନ୍ତି। 'ଡେଭୋସନ୍ ଅଫ ସସପେକ୍ଟ ଏକ୍ସ' ନାମକ ଏକ ଉପନ୍ୟାସକୁ ନେଇ ଏହି ଫିଲ୍ମଟି ନିର୍ମାଣ କରାଯାଉଛି। ତା'ସହ ଆମୀର-କରୀନାଙ୍କୁ ନେଇ ପ୍ରସ୍ତୁତ 'ଲାଲ୍ ସିଂ ଚଡ୍ଢା' ରିଲିଜ ଅପେକ୍ଷାରେ ରହିଛି।



ମୃଣାଳ

# ଅବସର ମିଳିଲେ..

ମୃଣାଳ ଠାକୁରଙ୍କୁ ଯେତେବେଳ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ରହୁଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଅବସର ମିଳିବା ମାତ୍ରେ ସେ କ'ଣ କରନ୍ତି ଜାଣନ୍ତି ? ମନ ପସନ୍ଦର ବହି ପଢ଼ନ୍ତି। ତା'ସହ ଘରେ ପାଳିଥିବା କୁକୁର ଏବଂ ବିଲେଇ ସହ ସମୟ କଟାନ୍ତି। ଏ ନେଇ ମୃଣାଳ କହନ୍ତି, 'ପିଲାଟି ଦିନରୁ ପଶୁପକ୍ଷୀଙ୍କ ପ୍ରେମରେ ମୁଁ ପଡିଯାଇଛି। କେବଳ ସେତିକି ନୁହେଁ, ସେମାନଙ୍କର ସୁରକ୍ଷା ପାଇଁ କାମ କରୁଛି। କାରଣ ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ଆମ ପରିବାରର ସଦସ୍ୟମାନେ ଘରେ ଏକ ମିନି ଚିଡିଆଖାନା ଖୋଲିଛନ୍ତି କହିଲେ ଭୁଲ ହେବ ନାହିଁ। ସେଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଅଛନ୍ତି। ମୋତେ ଅବସର ମିଳିବା ମାତ୍ରେ ମୁଁ ସେମାନଙ୍କ ସହ ସମୟ କଟାଏ।' ମୃଣାଳ ଅଭିନୟ କରୁଥିବା 'ଗୁମରାହ'ର ଦ୍ୱିତୀୟ ସିଡ୍ୟୁଲ ଶୁଟିଂ ଏବେ ଚାଲୁ ରହିଛି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଆଦିତ୍ୟ ରୟ କପୁର।

# ଚାଲିଛି ପ୍ରସ୍ତୁତି

କେଜିଏଫ ସିରିଜ ଦର୍ଶକଙ୍କୁ ବେଶ୍ ଏଣ୍ଟରଟେନ୍ କରିଛି କହିଲେ ଆଦୌ ଭୁଲ ହେବ ନାହିଁ। ଏହାର ପାର୍ଟ-୨ ଭଲ ବିଜନେସ କରିବା ପରେ 'କେଜିଏଫ-୩' ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ପ୍ରଯୋଜକ। ଅସଲ କଥା ହେଲା, ଏଥିରେ ମଧ୍ୟ ମେଗା ଷ୍ଟାର ଯଶଙ୍କୁ ସାମିଲ କରାଯାଇଛି। ଏ ନେଇ ଯଶ କହନ୍ତି, 'ଏସବୁର କ୍ରେଡିଟ୍ ମୁଁ ଦର୍ଶକଙ୍କୁ ଦେବି। କାରଣ ସେମାନେ ଆମ ପରିଶ୍ରମ ମୂଲ୍ୟ ବୁଝିଛନ୍ତି। ସେମାନଙ୍କ ପାଇଁ ଆମେ ଆଜି ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛୁ। ଯେତେବେଳେ ପ୍ରଯୋଜକ ମୋତେ ଏହାର ପାର୍ଟ-୩ କଥା କହିଲେ, ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା। ଏହାର ଶୁଟିଂ ଆଉ ମାସ କେଇଟା ପରେ ଆରମ୍ଭ ହେବ। ତେଣୁ ମୋତେ ଏବେଠାରୁ ଏଥିପାଇଁ ପ୍ରସ୍ତୁତ ହେବାକୁ ପଡିବ।' 'କେଜିଏଫ-୩'ର ଶୁଟିଂ ଚଳିତ ବର୍ଷ ଅକ୍ଟୋବରରୁ ଆରମ୍ଭ ହେବ ଏବଂ ଫିଲ୍ମଟି ୨୦୨୪ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେବେ ପ୍ରଶାନ୍ତ ନୀଲ୍।



ଯଶ

## ପ୍ରଥମ ରୋଜଗାର



କବି ତଥା ପ୍ରଶାସନିକ ଅଧିକାରୀ ମଧୁସୂଦନ ଦାଶ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମାରେ ଘର ପାଇଁ ମିଠା କିଣିଥିଲି

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଖମୋଳ ଗାଁରେ ମୋ ଜନ୍ମ। ବାଲିଆ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି କେନ୍ଦ୍ରାପଡ଼ା କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ପଢିଥିଲି। ତା'ପରେ ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର କଲି। ପଢା ସରିବା ପରେ ଡେରାବିଶ କଲେଜରେ କିଛିଦିନ ଅଧ୍ୟାପନା କରିଥିଲି। ସେଠାରେ ୪୦୦ ଟଙ୍କା ଦରମା ମିଳୁଥିଲା। ଏହାଥିଲା ୧୯୯୨ ମସିହାର କଥା। ପ୍ରଥମ ମାସ ଦରମା ପାଇବା ପରେ ଘର ଲୋକଙ୍କ ପାଇଁ ମିଠା ନେଇକି ଯାଇଥିଲି। ତା'ସହିତ ମୋ ପାଖରେ ଭଲ ପ୍ୟାଣ୍ଟସାର୍ଟ ନଥିବାରୁ ନିଜ ପାଇଁ ହଳେ ପ୍ୟାଣ୍ଟସାର୍ଟ କରିଥିଲି। ବାକି ଯାହା ବଳିଥିଲା ତାକୁ ଘରେ ଦେଇ ଦେଇଥିଲି। କାରଣ ସେତେବେଳେ ଘରର ଆର୍ଥିକ ସ୍ଥିତି ସେତେ ଭଲ ନଥିଲା। ବାପା ଚାଷ କାମ କରୁଥିଲେ। ତା'ସାଙ୍ଗକୁ ମୋର ଥିଲେ ୩ଟି ସାନ ଭଉଣୀ। ଘରର ବଡ଼ ଓ ମା'ବାପାଙ୍କର ଏକମାତ୍ର ପୁଅ ହୋଇଥିବାରୁ ଘର ପ୍ରତି ମୋର ବି କିଛି ଦାୟିତ୍ୱ ଥିଲା। ତେଣୁ ପ୍ରତିମାସ ଦରମା ପାଇଲା ପରେ ସମ୍ପୂର୍ଣ୍ଣ ଟଙ୍କା ଆଣି ଘରେ ଦେଇ ଦେଉଥିଲି। କ୍ରମେ ଦେଖିଲି ମୋର ଏହି ସ୍ୱଳ୍ପ ରୋଜଗାର ଘର ଚଳେଇବାକୁ ଯଥେଷ୍ଟ ହେଉନାହିଁ। ତେଣୁ ଚାକିରି ସହିତ ମାଟ୍ରିକ୍ ଓ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରିବା ଆରମ୍ଭ କଲି। ଏମିତି ପାଖାପାଖି ଦୁଇ ବର୍ଷ ବିତିଗଲା। ତା'ପରେ ମୋତେ ଡେରାବିଶ କଲେଜ ଛାଡ଼ିବାକୁ ପଡିଲା, କାରଣ ମୁଁ ସେଠାରେ କଣ୍ଟ୍ରାକଚୁଆଲ୍ ଅଧ୍ୟାପକ ଭାବେ ଅବସ୍ଥାପିତ ଥିଲି। ତା'ପରେ ଯାଜପୁରସ୍ଥିତ ଯୁଣଭଦ୍ରା କଲେଜରେ ଅଧ୍ୟାପନା କରିବାର ସୁଯୋଗ ମିଳିଲା। ସେଠାରେ ୬ ମାସ ଅଧ୍ୟାପନା କରିବା ଭିତରେ ମୁଁ ଓଏଏସ୍ ପରୀକ୍ଷା ଦେଇଥିଲି। ଯା'ପୂର୍ବରୁ ମଧ୍ୟ ଅନେକ ପରୀକ୍ଷାର ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ମୌଖିକ ପରୀକ୍ଷାରେ କଟିଯିବାର ଅନୁଭୂତି ମୋର ଥିଲା। ସେଥିପାଇଁ ଓଏଏସ୍ ପରୀକ୍ଷାରେ ସଫଳତା ହାସଲ କରିବି କି ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ଥିଲି। ହେଲେ ସବୁ ଦ୍ୱନ୍ଦ୍ୱର ଅବସାନ ଘଟିଥିଲା ଯେବେ ମୁଁ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି। ଜୁଲାଇ ୧, ୧୯୯୬ରୁ ଚନ୍ଦ୍ରଶେଖରପୁରସ୍ଥିତ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ଆମର ଟ୍ରେନିଂ ଚାଲିଲା। ପାଖାପାଖି ୨ ବର୍ଷ ଏହି ଟ୍ରେନିଂ ଚାଲିଥିଲା। ତା'ପରେ ୧୯୯୮ରେ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର୍ ଭାବେ ମୋର ପ୍ରଥମ ପୋଷ୍ଟିଂ ହେଲା ଫୁଲବାଣୀରେ। ଦୁଇବର୍ଷ ପରେ ଅତିରିକ୍ତ ତହସିଲଦାର ଭାବେ ଆସିଲି ସାଲେପୁର, କଟକକୁ। ତା'ପରେ ତହସିଲଦାର ଭାବେ ବଦଳି ହୋଇ ଗଲି ଅନୁଗୁଳ, ଛେଣ୍ଡିପଦା ତହସିଲକୁ। ଏଠାରେ ପ୍ରାୟ ୫ବର୍ଷ ରହିବା ଭିତରେ ସ୍ଥାନୀୟ କେତେଜଣ ସାହିତ୍ୟିକଙ୍କୁ ନେଇ ସାରସ୍ୱତ ସାହିତ୍ୟ ସଂସଦ ଗଢିଥିଲି; ଯାହାର ମୁଁ ଥିଲି ପ୍ରତିଷ୍ଠାତା ସଭାପତି। ତା'ପରେ ମୁଁ ବଦଳି ହୋଇ ଆସିଥିଲି ଜଗତ୍‌ସିଂହପୁର ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ହୋଇ। ଏଠାରେ ରହିବା ଭିତରେ ମୋତେ ଜଗତ୍‌ସିଂହପୁର ବ୍ଲକ୍‌ର ବିଡିଓ ଭାବେ ମଧ୍ୟ କିଛିଦିନ ଦାୟିତ୍ୱ ସମ୍ଭାଳିବାକୁ ପଡିଥିଲା। ତା'ପରେ ପୁଣି ବିଡିଓ ଭାବେ କିଛିଦିନ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଯାଜପୁରର ରସୁଲପୁର ଓ ଧର୍ମଶାଳା ବ୍ଲକରେ କଟିଥିଲା। ଏହାପରେ ପଦୋନ୍ନତି ପାଇ ସିନିୟର୍ କ୍ଲାସ୍ ୱାନ୍ ଅଫିସର୍ ହେଲି ଏବଂ ଉପଜିଲାପାଳ ଭାବେ କେନ୍ଦୁଝରର ଆନନ୍ଦପୁରରେ କିଛିଦିନ ଏବଂ ପୁରୀରେ ପ୍ରାୟ ୫ ବର୍ଷ କାମ କରିଥିଲି। ଏଥିସହିତ ବର୍ଷକ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟର ପ୍ରଶାସକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବାର ସୁଯୋଗ ପାଇଥିଲି। ତେବେ ଆନନ୍ଦପୁରରେ ଥିଲାବେଳେ ଲେଖକ ସମବାୟ ସମିତି ଗଢିଉଠିଥିଲା। ଏହାପରେ ଭଦ୍ରକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ପରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ଏବଂ ତା'ପରେ ପଦୋନ୍ନତି ପାଇ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ଯାଇଥିଲି। ବର୍ତ୍ତମାନ ମୁଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟରତ। ଏତଦ୍‌ବ୍ୟତିତ ଗପ ଓ କବିତା ଲେଖିବାରେ ବିଶେଷ ରୁଚି ରହିଛି। ଯା'ଭିତରେ ଚିତ୍ରିତ ଅନ୍ଧାର, ବୋଉ, ଚିତ୍ରଅଙ୍କା ନାମରେ ତିନୋଟି କବିତା ସଂକଳନ ମୋର ପ୍ରକାଶିତ ହୋଇସାରିଲାଣି। ସେହିପରି ଜରି ଗୋଟାଳି ଝିଅ ନାମରେ ଆଉ ଏକ କବିତା ସଂକଳନ ଖୁବ୍ ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି। ଏସବୁବାଦ୍ ମୁଁ ଅନେକ ସ୍ତମ୍ଭ ମଧ୍ୟ ଲେଖିଛି। **–ଅମ୍ବିତା**

# ମନରେ ଥରେ ମିଶିଲେ ମନ, ଜଣାପଡେ ନାହିଁ ରାତି କି ଦିନ

**ପ୍ରଶ୍ନ–** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ପୁଣି ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

*–ଅମର ଦାସ, ବ୍ରହ୍ମପୁର*

**ଉତ୍ତର :** ଯଦି ସୁନ୍ଦରୀ ମନ ସହ ଆପଣଙ୍କ ମନ ମିଶିଯାଇଛି, ତେବେ ଆଗକୁ ଆଗେଇବାରେ ଅସୁବିଧା ହେଉଛି କେଉଁଠି ? ସେପଟୁ ଗ୍ରୀନ୍ ସିଗନାଲ ଅଛି ତ ? ଯଦି ହଁ, ତେବେ ବିଳମ୍ବ କଲେ ହୁଏତ ଏପରି ସୁବର୍ଣ୍ଣ ସୁଯୋଗ ହାତରୁ ଖସିଯାଇପାରେ। 'ମନରେ ଥରେ ମିଶିଲେ ମନ, ଜଣାପଡେ ନାହିଁ ରାତି କି ଦିନ'। ଯଦି 'କଣ କରିବି' ବୋଲି ଚିନ୍ତା କରନ୍ତି, ତେବେ ଅଧା ବାଟରେ ବାଡି ହଜାଇବା ସାର। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖିଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ ନା ! ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ ତ ?

*–ଦୀପକ, କଳାହାଣ୍ଡି*

**ଉତ୍ତର:** ମଉନାବତୀର ଲାଜ ଚାହାଣୀ, ଚାହାଣୀରେ ଅଛି ପ୍ରେମ କାହାଣୀ। ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ–** ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*–ତପନ ସାହୁ, କଟକ*

**ଉତ୍ତର :** ଏଭଳି ପରିସ୍ଥିତିରେ ଭାବିଚିନ୍ତି ଷ୍ଟେପ୍ ନିଅନ୍ତୁ। କାରଣ ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନସନର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତର :** ଏହି ପ୍ରେମରେ ବୋଧହୁଏ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–** ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*–ଦିବାକର ରାଉତ, କେନ୍ଦ୍ରାପଡା*

**ଉତ୍ତର :** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।



ସାଥୀ




# ପ୍ରହ୍ଲାଦ ନାଟକ

ପ୍ରହ୍ଲାଦ ନାଟକକୁ କେତେକ ରଜା ନାଟକ ବୋଲି କୁହନ୍ତି। ଗଞ୍ଜାମ ଜିଲାର ବିଭିନ୍ନ ଲୋକନାଟକ ମଧ୍ୟରେ ଏହାର ସ୍ୱତନ୍ତ୍ରତା ରହିଛି...



ଓଡ଼ିଶାର ଏକ ଲୋକପ୍ରିୟ ଲୋକନାଟକ ଭାବେ ପ୍ରହ୍ଲାଦ ନାଟକ ଖୁବ୍ ପରିଚିତ। ଏହା ନୃସିଂହ ପୂଜାର ଲୋକପ୍ରିୟତାରୁ ନାଟ୍ୟରୂପ ନେଇଥିଲା। ନୃସିଂହ ମହାପ୍ରଭୁଙ୍କର ଆବିର୍ଭାବ କାହାଣୀ ଏହି ନାଟକର ବିଷୟବସ୍ତୁ। ଦାନବ ହିରଣ୍ୟକଶିପୁଙ୍କ ଗର୍ବ ଖର୍ବ କରିବା ପାଇଁ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିର ପରାକାଷ୍ଠା ଦର୍ଶାଇବାକୁ ସ୍ୱୟଂ ବିଷ୍ଣୁଭଗବାନ ନୃସିଂହରୂପ ଧାରଣକରିଥିଲେ। ତେବେ କେତେକ ଗବେଷକଙ୍କ ମତରେ ଏହି ନାଟକର ପ୍ରାରମ୍ଭ ପ୍ରାୟ ବହୁବର୍ଷ ତଳର ବୋଲି ଜଣାପଡ଼େ। ଓଡ଼ଶା ସଂଗୀତ ନାଟକ ଏକାଡ଼େମୀର ଉପସଭାପତି ତଥା ନାଟ୍ୟକାର ଓ ନାଟ୍ୟନିର୍ଦ୍ଦେଶକ ମନ୍ମଥ କୁମାର ଶତପଥୀ କୁହନ୍ତି ପ୍ରହ୍ଲାଦ ନାଟକର ମୂଳ ଲେଖକଥିଲେ କବି ଗୌରହରି ପରିଚ୍ଛା। ସେହି ସମୟର ପ୍ରଥା ଅନୁଯାଇ ଜଳନ୍ତର ରାଜା ରାମକୃଷ୍ଣ ଦେବଙ୍କ ନାମରେ ଗୀତର ଭଣତି ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ପ୍ରହ୍ଲାଦ ନାଟକ ମୁଦ୍ରିତ ହୋଇଅଛି। ଏଥିରେ ପରିବେଷିତ ଗୀତଗୁଡ଼ିକ ପ୍ରାୟ କର୍ଣାଟକୀ ରାଗ, ରାଗିଣୀ ଶୈଳୀରେ ଆଧାରିତ। ଏହି ନାଟକରେ ପ୍ରାୟ ୧୩୪ଟି ଗୀତ ପରିବେଷଣ କରାଯାଇଥାଏ। ପାରମ୍ପରିକ ବାଦ୍ୟଯନ୍ତ୍ର ଭାବେ ମର୍ଦ୍ଦଳ, ଝାଞ୍ଜ ଓ ମୁଖବାଦ୍ୟ ବ୍ୟବହୃତ ହୋଇଥାଏ। ଦକ୍ଷିଣ ଓଡ଼ିଶାରେ ଏହି ନାଟକକୁ କଳାକାରମାନେ ଦିନଦିନ ଧରି ପରିବେଷଣ କରିଥା'ନ୍ତି। ଅବଶ୍ୟ ଆଜିକାଲି କମ୍ ସମୟ ମଧ୍ୟରେ ନାଟକର ବିଷୟକୁ ସଂକ୍ଷିପ୍ତ କରାଯାଇ ପରିବେଷଣ କରାଯାଇ ପାରୁଛି। ମଞ୍ଚରେ ଏକ ସିଂହାସନ ତିଆରି କରାଯାଇଥାଏ। ସୋପାନ ପରେ ସୋପାନ ଦେଇ ଏହା ଉପରକୁ ଉଠିଥାଏ। ଏହି ସିଂହାସନ ବେଶ୍ ସୁସଜ୍ଜିତ ହୋଇଥାଏ। ମଞ୍ଚର ଅନ୍ୟ ଦୁଇପଟେ ବାମ ଓ ଦକ୍ଷିଣ ଦିଗରେ ଦୁଇଟି ତୋରଣ କରାଯାଇଥାଏ। ନାଟକର ବିଷୟବସ୍ତୁ ଅନୁସାରେ ହିରଣ୍ୟକଶିପୁଙ୍କ ନିର୍ଦ୍ଦେଶରେ ପ୍ରହ୍ଲାଦଙ୍କୁ ଅଗ୍ନିକୁ ନିକ୍ଷେପ, ଗଭୀର ଜଳକୁ ନିକ୍ଷେପ ଆଦି ୧୪ ପ୍ରକାରର ମରଣାନ୍ତକ ଦଣ୍ଡ ଦେବାର କଥା ବର୍ଣ୍ଣନା ହୋଇଛି। ଆଜିକାଲି ମଞ୍ଚକୁ କେତେକ ବୈଷୟିକ ସାଜସଜାରେ ଅଧିକ ଆକର୍ଷଣୀୟ କରାଯାଇ ପାରୁଛି। ମଞ୍ଚକୁ ବିଭିନ୍ନ ସୋପାନରେ ଭକ୍ତ ପ୍ରହ୍ଲାଦ ନାଚି ନାଚି ଗୀତ ଗାଇ ଗାଇ ଆସିଥାନ୍ତି। କିନ୍ତୁ ପ୍ରହ୍ଲାଦ ଚରିତ୍ରରେ ଜଣେ ୭ରୁ୮ ବୟସର ବାଳକ ଅଭିନୟ କରିଥା'ନ୍ତି। ମାତା ଲୀଳାବତି ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ସଙ୍ଗୀତ ଗାନରେ କରୁଣରସ ସୃଷ୍ଟିକରେ। ଏହି ସମୟରେ ଉପସ୍ଥିତ ଦର୍ଶକଙ୍କ ମନରେ ଏକ ଆକୁଳତାର ଦୁଃଖଦ ସ୍ପନ୍ଦନ ସୃଷ୍ଟି ହୁଏ। ଲୀଳାବତିଙ୍କ ବିଳାପରେ ନାରୀମାନେ ମଧ୍ୟ କାନ୍ଦି ଉଠନ୍ତି। ଅବଶ୍ୟ ଏହି ନାଟକରେ ବୀର, କରୁଣ, ବାତ୍ସଲ୍ୟ ରସରେ ଗୀତ ଗାନ କରି କଳାକାମାନେ ଅଭିନୟ କରିଥାନ୍ତି। ଦ୍ୱାରୀ, ଶୁକ୍ରାଚାର୍ଯ୍ୟ, ଧାଇ, ପ୍ରହ୍ଲାଦ ଓ ନାରଦ ଆଦି ଚରିତ୍ର ଦ୍ୱାରା ସମାଜକୁ ଶିକ୍ଷା ମିଳିଥାଏ। ନାଟକର ମଝିରେ ମଝିରେ କେଳା କେଳୁଣୀ ଅଭିନୟରେ ହାସ୍ୟରସର ଅବତାରଣା କରାଯାଏ। ହିରଣ୍ୟକଶିପଙ୍କ ବେଶପୋଷାକ ଓ ମୁଖମଣ୍ଡଳର ରଙ୍ଗସଜ୍ଜା ଅନେକାଂଶରେ କଥାକଳୀ ଚିତ୍ରଣ ଅନୁମେୟ କରିହୁଏ। ଏହି ନାଟକରେ ରାକ୍ଷସ ଚିତ୍ରଣରେ କଳାକାରମାନେ ଯଥେଷ୍ଟ ସମୟ ଦେଇଥା'ନ୍ତି। ଗଦା ପ୍ରହାରରେ ଖମ୍ବ ଭଙ୍ଗାଯିବା ଦୃଶ୍ୟ ଓ ତନ୍ମଧ୍ୟରୁ ପ୍ରଭୁ ନୃସିଂହଙ୍କର ବାହାରିବା ଦୃଶ୍ୟ ଦର୍ଶକଙ୍କୁ ଶିହରିତ କରାଏ। କିନ୍ତୁ ଏହି ଲୋକ ନାଟକର ପଛରେ ଦେବପୂଜାର୍ଚ୍ଚନାର ପୌରାଣିକ କଥା ରହିଛି। ଭାଗବତ,ନୃସିଂହପୁରାଣ ଓ ବିଷ୍ଣୁପୁରାଣର ବିଷୟବସ୍ତୁକୁ ନେଇ ପ୍ରହ୍ଲାଦ ନାଟକ ରଚିତ। ଏହା ଲୀଳା, ଯାତ୍ରା ବା ଗୀତିନାଟ୍ୟଠାରୁ ସ୍ୱତନ୍ତ୍ର। ଉକ୍ତ ନାଟକ ଲୋକନାଟକର ମାନ୍ୟତା ପାଇଥିଲେ ମଧ୍ୟ ନୃତ୍ୟ ଓ ତାଳ ମଧ୍ୟରେ ସଂଶ୍ଳିଷ୍ଟ । ଏଥିରେ ଶାସ୍ତ୍ରୀୟତା ପରିଲକ୍ଷିତ ହୁଏ। କେତେକ ଏହାକୁ ରଜାନାଟକ ବୋଲି କୁହନ୍ତି। ଗଞ୍ଜାମ ଜିଲାର ବିଭିନ୍ନ ଲୋକନାଟକ ମଧ୍ୟରେ ପ୍ରହ୍ଲାଦ ନାଟକ ସ୍ୱତନ୍ତ୍ର। ଶୈବଭକ୍ତ ରାଜା ହିରଣ୍ୟକଶିପୁ ଓ ବିଷ୍ଣୁଭକ୍ତ ପ୍ରହ୍ଲାଦଙ୍କ ଲୀଳା ଏହି ନାଟକରେ ପ୍ରଦର୍ଶନ ହୁଏ। ଉକ୍ତ ନାଟକକୁ ଦେଶର ବିଭିନ୍ନ ସ୍ଥାନ ତଥା ଦେଶ ବାହାରେ ମଧ୍ୟ ପରିବେଷଣ କରାଯାଉଛି। ଏପରିକି ଗୁରୁ କୃଷ୍ଣଚନ୍ଦ୍ର ସାହୁ ଆମେରିକା, ଲଣ୍ଡନ ଆଦି ବିଦେଶରେ ମଧ୍ୟ ଏହି ନାଟକ ପରିବେଷଣ କରି ବିଶ୍ୱ ଦରବାରରେ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇଥିଲେ।ଏହି ନାଟକସମ୍ପର୍କରେ ଗୁରୁ ଏ .ରାଜେନ୍ଦ୍ର ପାତ୍ର କୁହନ୍ତି ପ୍ରହ୍ଲାଦ ନାଟକର ଖଳନାୟକ ହିରଣ୍ୟକଶିପୁ ଓ ନାୟକ ପ୍ରହ୍ଲାଦ। ମଞ୍ଚ ନିକଟରେ ଥିବା ସହଯୋଗୀ ସଂଗୀତ ଶିଳ୍ପୀମାନେ ବିଭିନ୍ନ ରାଗରେ ଗୀତର ଶେଷପାଦକୁ ବାରମ୍ବାର ଆବୃତ୍ତି କରିଥା'ନ୍ତି। ଏଥିରେ ପ୍ରାୟ ୨୫ରୁ ୩୦ଜଣ କଳାକାର ଅଭିନୟ କରିଥା'ନ୍ତି। ପ୍ରାୟ ୫ରୁ ୭ଜଣ ସଂଗୀତ ସହଯୋଗୀ ଓ ୪ରୁ ୫ଜଣ ମଞ୍ଚ ସହଯୋଗୀ ରହିଥା'ନ୍ତି। କିନ୍ତୁ ନାରୀମାନେ ଏହି ନାଟକରେ ଅଭିନୟ କରନ୍ତି ନାହିଁ। ପୁରୁଷମାନେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତି। ସନ୍ତୋଷ କୁମାର ରଣା କୁହନ୍ତି, ଦେଶର ବିଭିନ୍ନ ସ୍ଥାନରେ ଏହି ନାଟକକୁ ପରିବେଷଣ କରିବାର ସୁଯୋଗ ମିଳିପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକରୂପ ନୃସିଂହ ଅବତାର। ତେବେ ଓଡ଼ିଶାରେ ନୃସିଂହ ପୂଜା ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ଉକ୍ତ ନାଟକରେ ଆଧ୍ୟାତ୍ମିକତାଭାବ ସୃଷ୍ଟି ହୋଇଥାଏ। କଳାକାରମାନେ ନିଷ୍ଠା, ଏକାଗ୍ରତାର ସହ ଦେବ ଆରାଧନା କରିଥା'ନ୍ତି।





–ବନବିହାରୀ ବେହେରା

# ଚାନ୍ଦୁଆ ଦେଇଛି ରୋଜଗାର

ପିଲାଦିନେ ବାପଘରେ ଶିଖିଥିବା ଚାନ୍ଦୁଆ ସିଲେଇ କାମ ତାଙ୍କୁ ଦେଇପାରିଛି ରୋଜଗାର ଓ ସମ୍ମାନ। ଏଥିରେ କେବଳ ସେ ଏକା ନୁହନ୍ତି ବରଂ ଆଉ କେତେଜଣଙ୍କୁ ରୋଜଗାରର ବାଟଦେଖାଇଛନ୍ତି। ସେ ହେଲେ ବାସନ୍ତି ମୁଦୁଲି। ସେ କୁହନ୍ତି, ମୋ ବାପଘର ପିପିଲି ଅଞ୍ଚଳରେ। ମାତ୍ର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କୋଦୁଅବେରେଣି ଗାଁକୁ ଆଜକୁ ପ୍ରାୟ ୨୭ବର୍ଷ ତଳେ ବୋହୂ ହୋଇଆସିଛି। ବିବାହର କିଛିଦିନ ପରେ ଘରର ଆର୍ଥିକ ସମସ୍ୟା ଜଟିଳ ହେଲା। ଏଥିଯୋଗୁ ପରିବାର ଚଳେଇବାରେ ଘୋର ଅସୁବିଧା ଦେଖାଦେଲା। ହେଲେ କିପରି ଘରେ ପରିଶ୍ରମକରି ଭଲରୋଜଗାର ହୋଇପାରିବ ସେ ଚିନ୍ତା ଘାରିଲା। ଏଥିଯୋଗୁ ବାପଘରେ ଶିଖିଥିବା ଚାନ୍ଦୁଆକାମକୁ ଏଠାରେ ଆରମ୍ଭ କରିଥିଲି। ହସ୍ତଶିଳ୍ପ କାମରେ ଭଳିକି ଭଳି ଚାନ୍ଦୁଆ, ମନିପର୍ସ, ବ୍ୟାଗ, ଦୋଳ ମଣ୍ଡଣି, ଛତି, ତ୍ର ।ସ, ଝାଲର, ବାହାଘର ଗେଟ, କୁସନ ଆଦି ପ୍ରାୟ ୨୫ରୁ ୩୦ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରିଥିଲି। ଏହାପରେ ଆଉ ପଛକୁ ଫେରି ଚାହିଁଲିନି । ଏହି ହସ୍ତଶିଳ୍ପ ସାମଗ୍ରୀ ବିକ୍ରିକରି ଏଥିରୁ ପ୍ରାୟ ମାସକୁ ବାରରୁ ପନ୍ଦର ହଜାର ଟଙ୍କା ରୋଜଗାର ହୋଇପାରିଲା। ମନରେ ଖୁସି ହେଲା। ବଳକା ସମୟରେ ଗାଁର ଝିଅ ଓ ବୋହୂମାନେ ବିନା ମୂଲ୍ୟରେ ମୋଠାରୁ ଚାନ୍ଦୁଆ ତିଆରି ତାଲିମ ନେଲେ। ଏଥିରୁ ସେମାନେ ରୋଜଗାରର ନୂଆ ବାଟ ପାଇଲେ। ଏମିତିରେ ପ୍ରାୟ ୪୦ରୁ ୫୦ ଜଣ ମହିଳା ଓ ଯୁବତୀ ସୁନ୍ଦର ସୁନ୍ଦର ଚାନ୍ଦୁଆ ସାମଗ୍ରୀ ପ୍ରସ୍ତୁତ କରି ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି । ଏଥିରେ ନିଷ୍ଠା, ପରିଶ୍ରମ ଓ ଉଦ୍ୟମ ମୋତେ ସଫଳତା ଦେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇଛି।







## ଆଶୁତୋଷ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

(ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥାବାର୍ତ୍ତା)
ସ୍ୱାମୀ: ଗୋଟିଏ ଗ୍ଲାସ ପାଣି ଦେବ। ମୋ ମୁଣ୍ଡ ବିନ୍ଧା ହେଉଛି ତୁମେ ଟିକେ ଚାପି ଦେବ।
ସ୍ତ୍ରୀ: ମୁଁ ଦେଇପାରିବିନି, ମୋ ବେକ ଦରଜ।
ସ୍ୱାମୀ: ଠିକ୍ ଅଛି, ତୁମେ ମୋ ମୁଣ୍ଡ ଚିପି ଦିଅ। ମୁଁ ତୁମ ବେକ ଚିପି ଦେବି।

(ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥାବାର୍ତ୍ତା)
ଆରେ ଶୁଣୁଛ ତୁମ ସାଙ୍ଗ ଗୋଟେ ପାଗେଳି ଝିଅକୁ ବାହା ହେଉଛି ତାକୁ ଅଟକାଅ। ସ୍ୱାମୀ- ମୁଁ କାହିଁ ଅଟକାଇବି ? ମୁଁ ଯେତେବେଳେ ବାହା ହେଉଥିଲି ସେ କ'ଣ ମୋତେ ଅଟକାଇଥିଲା !

(ମା ଝିଅ ମଧ୍ୟରେ କଥାବାର୍ତ୍ତା )
ଝିଅ : ମମ୍, ଆଜି ମୁଁ ଯେତେବେଳେ ବଜାରକୁ ଯାଇଥିଲି ସେତେବେଳେ ପୁଅଟିଏ ମୋ ଗାଲକୁ ଆସି କିସ୍ କଲା।
ମା- ତା ଗାଲକୁ ତୁ ଚଟକଣା ମାରିଲୁ ନା ନାହିଁ ?
ଝିଅ- ମା,ମୋତେ ଅଚାନକ ମହାତ୍ମାଗାନ୍ଧୀଙ୍କ କଥା ମନେ ପଡିଲା ତତ୍‌କ୍ଷଣାତ୍ ମୁଁ ଆଉଗୋଟେ ଗାଲ ଦେଖାଇଦେଲି।

# ଖରାରେ ଜଳକ୍ରୀଡ଼ା





**ଜଳକ୍ରୀଡ଼ାର ମଜା ହିଁ କିଛି ନିଆରା। ଖାସ୍‌କରି ଖରାଦିନେ ଜଳକ୍ରୀଡ଼ା କଲେ ଶାରୀରିକ ଫୁର୍ତ୍ତି ମିଳିବା ସହ ସୁନ୍ଦର ଅନୁଭୂତି ବି ମିଳିଥାଏ...**

**ଖ**ରାଦିନେ, ଯାହା ସବୁଠାରୁ ଆନନ୍ଦ ଓ ଶାନ୍ତି ଦେଇଥାଏ ତାହା ହେଉଛି ପାଣି। ତେଣୁ ଖରାଛୁଟିରେ ଅଧିକାଂଶ ଲୋକ ଏମିତି କୌଣସି ସ୍ଥାନକୁ ବୁଲିଯିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ ସ୍ୱଚ୍ଛ ପରିବେଶ ସାଙ୍ଗକୁ ଶୀତଳ ପବନର ସ୍ପର୍ଶ ମିଳୁଥିବ। ତା'ସାଙ୍ଗକୁ ସ୍କୁବା ଡାଇଭିଂ, ହ୍ୱାଇଟ୍ ୱାଟର୍ ରାଫ୍ଟିଂ, ୱାଟର୍ ସ୍କିଂ, ୱିଣ୍ଡ୍ ସର୍ଫିଂ ଭଳି ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ସୁବିଧା ବି ଥିବ। କାରଣ ଖରାଦିନେ ଏହିସବୁ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ଶାରୀରିକ ଫୁର୍ତ୍ତି ସହ ନିଆରା ଅନୁଭୂତି ବି ଦେଇଥାଏ। ଆସନ୍ତୁ ଜାଣିବା ଏହିସବୁ ଜଳକ୍ରୀଡ଼ାର ସୁବିଧା ଥିବା କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ...

***ସ୍କୁବା ଡାଇଭିଂ:** ଏହି କ୍ରୀଡ଼ାରେ ରୁଚି ରଖୁଥିବା ବ୍ୟକ୍ତିମାନେ ଗଭୀର ଜଳ ଭିତରେ ମାଛ ଭଳି ପହଁରି ପାଣି ଭିତରର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଥାନ୍ତି। କିନ୍ତୁ ଏହି ଜଳକ୍ରୀଡ଼ା ପାଇଁ କେତୋଟି ମୁଖ୍ୟ ଜିନିଷର ଆବଶ୍ୟକତା ରହିଥାଏ ; ଯଥା: ୱେଟ୍‌ସୁଟ୍, ସ୍କୁବା ମାସ୍କ, ଫିନ୍ (ମାଛର ଡେଣା ସଦୃଶ କୃତ୍ରିମ ପକ୍ଷ), ଏୟାର୍ ସିଲିଣ୍ଡର୍, ସ୍ନୋର୍କେଲ୍ (ଜଳ ଭିତରେ ସନ୍ତରଣକାରୀ ନିଃଶ୍ୱାସନେବା ନିମନ୍ତେ ବ୍ୟବହୃତ ନଳୀ), ଅଣ୍ଡର ୱାଟର୍ ଫ୍ଲାସ୍ ଲାଇଟ୍ ତଥା ଛୁରି ଇତ୍ୟାଦି। ତା'ସହିତ ସ୍କୁବା ଡାଇଭିଂ ପାଇଁ ଠିକ୍ ତାଲିମ ନେଇଥିବା ମଧ୍ୟ ନିହାତି ଜରୁରୀ। ତେବେ ଏହି ଜଳକ୍ରୀଡ଼ା ପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ପୁଡୁଚେରୀ, ଗୋଆ, ମହାରାଷ୍ଟ୍ରର ତାରକର୍ଲୀ ଇତ୍ୟାଦି ସ୍ଥାନରେ ବେଶ୍ ସୁବିଧା ରହିଛି।

***ହ୍ୱାଇଟ୍ ୱାଟର୍ ରାଫ୍ଟିଂ:** ଜଳର ପ୍ରଖର ସ୍ରୋତରେ ରାଫ୍ଟିଂ ବୋଟ୍ ଉପରେ ବସି ବୋଟିଂ କରିବାକୁ ହ୍ୱାଇଟ୍ ୱାଟର୍ ରାଫ୍ଟିଂ କୁହାଯାଇଥାଏ। ଏହା ଏକ ଲୋକପ୍ରିୟ ଜଳକ୍ରୀଡ଼ା। କିନ୍ତୁ ଏହା ଯେତିକି ଉପଭୋଗ୍ୟ ସେତିକି ବିପଦପୂର୍ଣ୍ଣ ମଧ୍ୟ। ତେଣୁ ଏହି କ୍ରୀଡ଼ାରେ ଯିବା ସମୟରେ ସାଙ୍ଗରେ ଲାଇଫ୍ ଜ୍ୟାକେଟ୍, ୱେଟ୍ ସୁଟ୍, ରାଫ୍ଟିଂ ହେଲ୍‌ମେଟ୍ ତଥା ରେସ୍‌କ୍ୟୁ ଥ୍ରୋ ବ୍ୟାଗ୍ ଇତ୍ୟାଦି ନେଇକି ଯିବା ଆବଶ୍ୟକ। ତେବେ ଋଷିକେଶ, କୁଲ୍ଲୁ-ମନାଲି, ସିକ୍କିମ୍, ଲଦାଖ, କୁର୍ଗ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଇତ୍ୟାଦି ସ୍ଥାନରେ ଏହି ଜଳକ୍ରୀଡ଼ା ପାଇଁ ରହିଛି ଯଥେଷ୍ଟ ସୁବିଧା ଓ ସୁଯୋଗ।

***ୱିଣ୍ଡ୍ ସର୍ଫିଂ:** ଏହା ବି ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଥାଏ। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଏ ୱିଣ୍ଡ୍ ସର୍ଫିଂ କରିବାର ମଜା ସେତେ ବଢ଼ିଥାଏ। ଉକ୍ତ ଜଳକ୍ରୀଡ଼ା ପାଇଁ ଲାକ୍ଷାଦ୍ୱୀପ, ଗୋଆ, ମୁମ୍ବାଇ, ପୁଣେ ଆଦି ହେଉଛି ଉପଯୁକ୍ତ ସ୍ଥାନ।

***ୱାଟର୍ ସ୍କିଂ:** ଏହି ଜଳକ୍ରୀଡ଼ାରେ ମୁଖ୍ୟତଃ ସ୍କିଂ ରୋପ୍‌ର ଗୋଟିଏ ପାର୍ଶ୍ୱକୁ ହାଇସ୍ପିଡ୍ ବୋଟ୍‌ରେ ବନ୍ଧାଯାଇଥାଏ ଏବଂ ଅନ୍ୟ ପାର୍ଶ୍ୱଟି ସ୍କିଂ କରୁଥିବା ବ୍ୟକ୍ତିଙ୍କ ହାତରେ ଥାଏ। ପାଣିରେ ବୋଟ୍‌ଟି ଚାଲିବାକୁ ଆରମ୍ଭ କରିବା ମାତ୍ରେ ସ୍କିଂ କରୁଥିବା ବ୍ୟକ୍ତି ଜଣଙ୍କୁ ସ୍କିଂ ବୋର୍ଡ ଉପରେ ନିଜ ଶରୀରକୁ ବାଲାନ୍ସ କରି ଛିଡ଼ା ହେବାକୁ ହୋଇଥାଏ। ତେବେ ଗୋଆ, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଶ୍ରୀନଗରରେ ଏହି ଜଳକ୍ରୀଡ଼ା ପାଇଁ ଅନେକ ସୁବିଧା ରହିଛି।

***ସ୍କିମ୍‌ବୋର୍ଡିଂ:** ଏହି ଜଳକ୍ରୀଡ଼ା ମୁଖ୍ୟତଃ ସମୁଦ୍ରର ଲହଡିରେ ଖେଳାଯାଇଥାଏ। ଏହି ଖେଳରେ ରୁଚି ରଖୁଥିବା ବ୍ୟକ୍ତି ଜଣଙ୍କ ସମୁଦ୍ର କୂଳରେ ଗୋଟିଏ ସ୍କିମ୍‌ବୋର୍ଡ ଉପରେ ଠିଆ ହୋଇ ରହିଥାନ୍ତି। ଆଉ ଯା'ଆସ କରୁଥିବା ସମୁଦ୍ରର ଲହଡି ସହ ଶରୀରକୁ ବାଲାନ୍ସ କରି କେତେବେଳେ ପାଣି ଭିତରକୁ ଯାଉଥାନ୍ତି ତ କେତେବେଳେ ବାହାରକୁ ଆସୁଥାନ୍ତି। ଏହା ଏକ ଆନନ୍ଦଦାୟକ ଖେଳ। ଭଲ ଲହଡି ହେଉଥିବା ସମୁଦ୍ରରେ ଏହି ଖେଳ ବେଶ୍ ଆରାମରେ ଖେଳିହୁଏ।

କେବଳ ଏତିକି ନୁହେଁ ପର୍ଯ୍ୟଟକ ଚାହିଁଲେ ପାରାସେଲିଂ, ଫ୍ଲାଏବୋର୍ଡ, ଜେଟ୍ ସ୍କିଂ, କାୟାକିଂ, ୱାଟର୍ ସ୍କେଟିଂ ଭଳି ଆହୁରି ଅନେକ ଜଳକ୍ରୀଡ଼ାର ଭରପୂର ମଜା ମଧ୍ୟ ନେଇପାରିବେ।



### ଜରୁରୀ କଥା

-ଯେହେତୁ ଏ ସମସ୍ତ କ୍ରୀଡ଼ା ପାଣିରେ ହିଁ ଖେଳାଯାଇଥାଏ, ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥିରେ ରୁଚି ରଖୁଥିବା ବ୍ୟକ୍ତିମାନଙ୍କୁ ପହଁରା ଶିଖିବା ନିହାତି ଆବଶ୍ୟକ ; ଯଦ୍ଦ୍ୱାରା ମନୋବଳ ଦୃଢ଼ ହେବା ସହ ବିପଦକୁ ଆଉ ସେତେଟା ଡର ନଥିବ।

-ସେହିପରି ଏହିସବୁ ଜଳକ୍ରୀଡ଼ା ସମୟରେ ଲାଇଫ୍ ଜ୍ୟାକେଟ୍ ପରିଧାନ କରିବା ମଧ୍ୟ ଦରକାର।

-ତା'ସହିତ ଯେ କୌଣସି ଜଳକ୍ରୀଡ଼ା ହେଉନା କାହିଁକି ସେ ସମ୍ପର୍କରେ ଉପଯୁକ୍ତ ତାଲିମ ନେଇସାରିବା ପରେ ଯାଇ ପାଣି ଭିତରକୁ ଯିବା କଥା ଚିନ୍ତା କରିବା ଉଚିତ୍।













# ବହିର ଗାଁ





ମହାରାଷ୍ଟ୍ରର ସତାରା ଜିଲାରେ ରହିଛି ଭିଲାର ନାମକ ଏକ ଗାଁ। ଏହି ଗାଁ ବହିର ଗାଁ ଭାବେ ଏବେ ବେଶ୍ ଲୋକପ୍ରିୟ। କାରଣ ଏଠାରେ ଯୁଆଡ଼େ ଚାହିଁବେ ସେଠି ଆପଣଙ୍କୁ କେବଳ ବହି ହିଁ ବହି ଦେଖାଯିବ। ଅର୍ଥାତ୍ ସ୍ଥାନୀୟ ଅଞ୍ଚଳର ଅଧିକାଂଶ ଘର, ବିଦ୍ୟାଳୟ, ରେଷ୍ଟ ହାଉସ୍ ଇତ୍ୟାଦିକୁ ସ୍ଥାନୀୟ ସରକାର ଗୋଟିଏ ଗୋଟିଏ ଲାଇବ୍ରେରୀରେ ପରିବର୍ତ୍ତନ କରିଦେଇଛନ୍ତି। ସରଳରେ କହିବାକୁ ଗଲେ, ଏହି ସବୁ ସ୍ଥାନରେ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ହଜାର ହଜାର ସଂଖ୍ୟାରେ ବହିକୁ ଯୋଗାଇ ଦିଆଯିବା ସହ ତାହାକୁ ଖୁବ୍ ସୁନ୍ଦର ଭାବେ ସଜାଇ ରଖିବାର ବ୍ୟବସ୍ଥା ମଧ୍ୟ କରି ଦିଆଯାଇଛି। ଏପରି କରିବା ପଛରେ ମୁଖ୍ୟ କାରଣ ହେଉଛି, ଯେହେତୁ ଭିଲାର ଷ୍ଟ୍ରବେରୀ ଚାଷ ପାଇଁ ପ୍ରସିଦ୍ଧ ଏବଂ ଏହା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ତେଣୁ ବର୍ଷକ ବାରମାସ ଏଠାକୁ ଦେଶବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି। ଆଉ ସେହି ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବା ଏବଂ ତାଙ୍କ ମନରେ ପଢିବା ପ୍ରତି ଆଗ୍ରହ ସୃଷ୍ଟି କରାଇବା ପାଇଁ ସ୍ଥାନୀୟ ସରକାରଙ୍କ ତରଫରୁ ଏଭଳି ଭିନ୍ନ ଉପାୟ ଅବଲମ୍ବନ କରାଯାଇଛି। ସେଥିପାଇଁ ଏଠାରେ ବିଭିନ୍ନ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ହଜାର ହଜାର ସଂଖ୍ୟାରେ ବହି ରଖାଯାଇଛି। ଆଉ ସବୁଠୁ ବଡ଼ କଥା ହେଉଛି ପାଠକେ ଏହି ବହିଗୁଡ଼ିକୁ ବୁଲି ଦେଖିବା ସହ ସମ୍ପୂର୍ଣ୍ଣ ମାଗଣାରେ ପଢିପାରିବେ। ଏଥିସହିତ ଏଠାକାର ରାସ୍ତାଘାଟ, କାନ୍ଥବାଡ ତଥା ପାଚେରୀ ଆଦିରେ ମଧ୍ୟ ବିଭିନ୍ନ କଳା, ସଂସ୍କୃତିକୁ ନେଇ ଖୁବ୍ ସୁନ୍ଦର ସୁନ୍ଦର ପେଣ୍ଟିଂ ମଧ୍ୟ କରାଯାଇଛି। ସତରେ ବହି ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଅତ୍ୟନ୍ତ ସୁନ୍ଦର ସ୍ଥାନ ଭାବେ ଏବେ ଲୋକପ୍ରିୟତା ପାଇବାରେ ଲାଗିଛି।

## କାର୍ଟୁନ କର୍ନର



# ଦାମ୍ପତ୍ୟ ଗୁହାର



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ



[ମଞ୍ଚରେ କେବଳ ଜଣେ ପୁରୁଷ(ସ୍ୱାମୀ) ଚେୟାରରେ ବସି ଟେବୁଲରେ କିଛି ଲେଖୁଛନ୍ତି।]

ସ୍ୱାମୀ– ଆରେ ଶୁଣୁଛ ?

(ମଞ୍ଚରେ ଜଣେ ସ୍ତ୍ରୀଲୋକ(ପତ୍ନୀ) ପ୍ରବେଶ )

ପତ୍ନୀ–ନାଁ, ମୁଁ ଜନ୍ମରୁ ବଧିର, ସକାଳୁ ଏମିତି ଚିଲଉଛ କ'ଣ ପାଇଁ ? ଆଚ୍ଛା ଏବେ କୁହ ?

ସ୍ୱାମୀ– ମାନେ ? ମୁଁ ଚିଲେଇଲି କେତେବେଳେ ? ତୁମକୁ ବଧିର ବୋଲି କେତେବେଳେ କହିଲି ?

ପତ୍ନୀ– ତାହାହେଲେ ଏବେ କୁହ। ତା'ସହ ଯଦି ଆଉ କିଛି ମୋ' ବିଷୟରେ କହିବାକୁ ବାକି ଥାଏ ତେବେ ସେଇଟା କହିଦିଅ।

ସ୍ୱାମୀ –ହେ ଭଗବାନ !!

ପତ୍ନୀ –ଗୋଟିଏ କଥା ଶୁଣ। ମୋତେ କେବେ ଏଇ ଭଗବାନଙ୍କ ନାଁ ସହ ଯୋଡ଼ିବ ନାହିଁ। ମୋ' ଭାଗ୍ୟ ଖରାପ ଥିଲା ବୋଲି ତୁମ ଭଳି ଲୋକର ହାତ ଧରିଛି।

ସ୍ୱାମୀ – ଆଚ୍ଛା ହଉ, ଗୋଟେ କପ ଚା' ମିଳିବ କି ?

ପତ୍ନୀ– ଗୋଟେ କପ୍ କାହିଁକି ? ପୂରା ଲୋଟାଏ ପିଅ। କିଏ ମନା କରୁଛି ? ମୁଁ ତ ସେଇ କାମ କରିବା ପାଇଁ ଏଠି ପଡ଼ି ରହିଛି।

ସ୍ୱାମୀ– ଅଜବ କଥା ! ସବୁ କଥାରୁ ଲଥା ବାହାର କର କାହିଁକି ? କେତେବେଳେ ତ ଭଲରେ ମୋ' ସହ ପଦେ କଥା ହୁଅ ...।

ପତ୍ନୀ– କ'ଣ କହିଲ .... !! ମୁଁ ଭଲରେ କଥା ହୁଏନି। ହଉ ହେଲା ମୋତେ ଭଲରେ କଥା ହୋଇ ଆସେନାହିଁ। ମୁଁ ଖରାପ ଏଇୟା କହିବାକୁ ଚାହୁଁଛ ତ।

ସ୍ୱାମୀ – ହେ ପ୍ରଭୁ !!

ପତ୍ନୀ –ହଁ ... ଆଜି କପେ ଚା'ପାଇଁ ଭଗବାନଙ୍କ ସାରା କୁଟୁମ୍ବକୁ ଘୋଷାରି ଆଣୁଛ। କାଲି ଖାଇବାକୁ ଦେବାକୁ ନେଇ ଗାଁ ଲୋକଙ୍କୁ ଡାକି ହରତାଳ କରିବ। ମୁଁ ଗାଧୋଇବାକୁ ଯାଉଛି, ଆଜି ମୁଣ୍ଡ ସାମ୍ପୁ କରିବି। ମୋତେ ଚା' କରିବାକୁ ଏଇନା ଡେରି ହେବ। ପିଲାମାନଙ୍କ ସ୍କୁଲ ଟାଇମ ହେଲାଣି। ତାଙ୍କୁ ନିଦରୁ ଉଠେଇ ରେଡି କର। ପିଲାମାନଙ୍କ ପ୍ରତି ତୁମର ଦାୟିତ୍ୱରୁ ସବୁବେଳେ କରଛଡ଼ା ଦେଲେ କେମିତି ହେବ ?

(ପତ୍ନୀ ଯିବାକୁ ଉଦ୍ୟତ ହେଲା ବେଳେ ପଛରୁ ସ୍ୱାମୀ କହିଲେ)

ସ୍ୱାମୀ – ଆରେ ତୁମେ ସବୁ କଥାକୁ ମୋର ଏମିତି ବ୍ୟାଟିଂ କର କାହିଁକି ?

(ପତ୍ନୀ ବୁଲିପଡ଼ି ସ୍ୱାମୀଙ୍କ ପାଖକୁ ଆସି)

ପତ୍ନୀ– କାହିଁକି ? କ'ଣ ଖରାପ କହିଲି କି ? ପିଲାମାନଙ୍କୁ ନିଦରୁ ଉଠେଇ ସେମାନଙ୍କୁ ସ୍କୁଲ ପାଇଁ ରେଡି କରିବା କ'ଣ ତୁମ ଦାୟିତ୍ୱ ନୁହେଁ କି? ସେମାନେ ତୁମର ବି ପିଲା। ତାଙ୍କୁ କ'ଣ ମୁଁ ଯୌତୁକରେ ବାପଘରୁ ବୋହି ଆଣିଥିଲି ?

ସ୍ୱାମୀ – ମୁଁ କେତେବେଳେ ଦାୟିତ୍ୱ ନେବାକୁ ମନାକଲି ?

ପତ୍ନୀ– (ସ୍ୱାମୀଙ୍କ ଥୋଡିରେ ହାତ ରଖି) ଆହା ଲୋ ମୋର ନିରୀହ ସ୍ୱାମୀ, ତୁମେ ତ କିଛି କୁହନି। ଏ ଘରେ ଯାହା କେବଳ ମୁଁ କୁହେ। କଥା କିଏ ଆରମ୍ଭ କଲା, କୁହ.... ?

ସ୍ୱାମୀ– (ପତ୍ନୀଙ୍କ ହାତକୁ ହଟେଇ) ଆରେ ମୁଁ ମାତ୍ର ଗୋଟିଏ କପ୍ ଚା' ଇ ତ ମାଗିଥିଲି।

ପତ୍ନୀ– (ପତ୍ନୀ ଅଣ୍ଟାରେ ହାତ ରଖି) ଚା' ମାଗିଥିଲ ନା ମୋତେ କାଲା ବୋଲି ଖୁଣ୍ଟା ଦେଉଥିଲ ? 'ଶୁଣୁଛ କି?' ଏକଥାର ଅର୍ଥ କ'ଣ ବୁଝେଇଲ ଆଗେ ।

ସ୍ୱାମୀ– ଆରେ ଶ୍ରୀମତୀ। କେତେବେଳେ ପଦେ ମଧୁର କଥା ମୋତେ କୁହ !

ପତ୍ନୀ– ଆଚ୍ଛା ... ? ତାହାହେଲେ ମୁଁ ସବୁବେଳେ ଖରାପ ଆଉ କଟୁ କଥା କୁହେ ? ( ନାକ ସୁଡ଼ୁସୁଡ଼ୁ କରି ) ତୁମେ ମୋ' ସହ କେବେ ମିଠା କଥା ହେଇଛ ଆଗ କୁହ ତ ?

ସ୍ୱାମୀ–(ଟିକେ ବିରକ୍ତ ହୋଇ ) ଆପଣ ମାଡାମ୍ ଭୁଲିଯାଉଛନ୍ତି ଯେ.......

ପତ୍ନୀ –ମୁଁ ଭୁଲି ଯାଉଛି ? ତାହାହେଲେ ମୋତେ ଭୁଲା ବେମାର ହେଲାଣି ବୋଲି କହୁଛ। ମାନେ ମୋ ମୁଣ୍ଡରେ କେବଳ ଗୋବର ଅଛି ! ମୁଁ ପାଗଳୀ , ବେମାର ? (କପାଳରେ ହାତ ରଖି) ବାସ୍ ଏତକ ଶୁଣିବାକୁ ବାକି ଥିଲା।

ସ୍ୱାମୀ– ଓହୋ କାହିଁ ଭଲା ଶୁଖିଲାରେ କଣ୍ଟକ ? ମୋତେ ଆଗ ମୋ' କଥା ଶେଷ କରିବାକୁ ଦିଅ। ସ୍ୱାମୀ ବୋଲି ନ ମୁଣ୍ଡାଅ ଅନ୍ତତଃ ଟୋପାଏ ଇଜ୍ଜତ ଦିଅ।

ପତ୍ନୀ– ଆଚ୍ଛା ..... ମୁଁ ଜାଣି ନ ଥିଲି। ସୂଚନା ପାଇଁ ଧନ୍ୟବାଦ।

ସ୍ୱାମୀ –ହଉ ଥାଉ। ମୋର ଆଉ ଚା' ଦରକାର ନାହିଁ। ତୁମେ ତୁମ କାମ କର। ମୁଁ ଯାଉଛି ବାହାରେ ଚା ପିଇଦେଇ ଆସିବି।

(ସ୍ୱାମୀ ଚେୟାରରୁ ଉଠି ଠିଆହେଲେ)

ପତ୍ନୀ– ହଁ ଏବେ ବାହାରେ ଯାଇ ମୋର ଦୁର୍ନାମ କର। ଲୋକେ ଜାଣନ୍ତୁ ମୁଁ ଚା' କରି ତୁମକୁ ଦେଉନି ସେଥିପାଇଁ ତୁମେ ବାହାରେ ଚା' ପିଉଛ।

ସ୍ୱାମୀ– କି ଅଦ୍ଭୁତ ଲୋକ ! ନା ଘରେ ଚା' ତିଆରି କରିବ ନା ମଣିଷକୁ ବାହାରେ ପିଇବାକୁ ଦେବ ! କି ଅଜବ ଲୋକ ହାବୁଡ଼ରେ ମଣିଷ ପଡିଲା।

ପତ୍ନୀ– ମୁଁ ତ ଅଜବ। ଅଜବ ବ୍ୟବହାର କରୁଛି। ମିଠା କଥା ମୋତେ କହି ଆସେନି। ଏଇୟା ସବୁ ସକାଳୁ ଘୋଷା ଲଗେଇଛ।

ସ୍ୱାମୀ– ମୋର କହିବାର ଉଦ୍ଦେଶ୍ୟ ତୁମେ କେବେ ଠିକ୍‌ରେ ନେଇଥିଲ ନା ନେବ ? ଛାଡ଼ ସେ ସବୁ। ତୁମ ସହ ଝଗଡ଼ା କରି କିଛି ଲାଭ ନାହିଁ। ( ଦୀର୍ଘନିଃଶ୍ୱାସ ନେଇ ) ଆଜିଠୁ ଚା' ପିଇବା ଛାଡ଼ିଦେଲି।

ପତ୍ନୀ– ତା' ମାନେ ମୋ ଯୋଗୁ ତୁମେ ଏତେବଡ଼ ତ୍ୟାଗ କରିଛ ବୋଲି ଚାରିଆଡେ ପ୍ରଚାରିତ ହେବ। ହଉ ଯାଉଛି ଆଗ ଚା' କରିସାରେ ତା'ପରେ ଗାଧୋଇ ଯିବି।

ସ୍ୱାମୀ– ( ନୀରବ )।

ପତ୍ନୀ– ହେଇଟି ଅନେଇଲ। ମୁଁ କ'ଣ ଏତେ ଖରାପ ! ବୁଲି ବୁଲି ବାହାର ଲୋକଙ୍କ ସହ ଝଗଡ଼ା କରୁଛି !! ତୁମେ ସବୁ ସହି ଯାଉଛ ବୋଲି ମୁଁ ତୁମ ସହ ଝଗଡ଼ା କରୁଛି। ଆଉ କାହା ସହ ଏତିକି ବକର ବକର ହେଲେ କିଏ ସହିବ କୁହ ତ ? ମୁଁ ଆଗ ଚା' କରି ଆଣିସାରେ ତା'ପରେ ତୁମ ସହ କଥା ହେବି।

(ପତ୍ନୀଙ୍କ ମଞ୍ଚରୁ ପ୍ରସ୍ଥାନ। ସ୍ୱାମୀ ଚେୟାରରେ ମୁଣ୍ଡରେ ହାତରଖି ବସିଛନ୍ତି । ନେପଥ୍ୟରୁ ଶୂନ୍ୟବାଣୀ ହେଉଛି। )

''ପତ୍ନୀଙ୍କ ଅଧିକାରର ଉଲ୍ଲଂଘନ କରନ୍ତୁ ନାହିଁ ଏବଂ ସେମାନଙ୍କୁ ସ୍ୱାମୀଙ୍କ ସହ ପ୍ରତିଦିନ ଝଗଡ଼ା କରିବାର ସୁଯୋଗ ଦେବା ଆବଶ୍ୟକ। ଏହା ସେମାନଙ୍କ ଜନ୍ମସିଦ୍ଧ ଅଧିକାର। ଯେତେବେଳେ ରାମ ପାଖରେ ଥିଲେ ସୀତାଙ୍କୁ ସୁନାର ହରିଣ ଦରକାର ଥିଲା। ଯେତେବେଳେ ରାବଣ ସମ୍ପୂର୍ଣ୍ଣ ସୁନାର ଲଙ୍କା ତାଙ୍କୁ ଦେବାକୁ କହିଲା ସେତେବେଳେ ସୀତାଙ୍କୁ ରାମ ହିଁ ଦରକାର ଥିଲେ। ପତ୍ନୀଙ୍କ ଯୁକ୍ତି ସର୍ବଦା ଅକାଟ୍ୟ। ତାଙ୍କ ଦେଇ ଭୁଲ୍ ହୋଇ ହିଁ ପାରେନି। ଭୁଲ୍ ସବୁ ପତିଙ୍କଠାରୁ ଆରମ୍ଭ ହୋଇ ପତିଙ୍କୁ ପତିତ କରି ଶେଷ ହୁଏ। ଏକଥା ସତ୍ୟ ଯେ ବୋକା ଓ ରୁକ୍ଷ ପତିଦେବଙ୍କ ପାଇଁ ନିରୀହ ଏବଂ ସଦା କାମିକା ପତ୍ନୀ ବାସୁକୀ ଭଳି ସଂସାରକୁ ମୁଣ୍ଡେଇ ବୁଲୁଥାନ୍ତି। ସୁତରାଂ ପତିଙ୍କୁ ସିଲେଇ କଲା ଭଳି କିଛି ଉପାଦାନ ଯଦି ପତିଙ୍କ ପାଖରେ ଅଛି ପତ୍ନୀଙ୍କ କଥାର ଝଡ଼ ଆରମ୍ଭରୁ ବ୍ୟବହାର କରିନେବା ଉଚିତ। ) ମଞ୍ଚର ଆଲୋକ ଆସ୍ତେ ଆସ୍ତେ ଲିଭୁଛି।

*[ଏ ଛୋଟ ନାଟକ ସମସ୍ତ ବିବାହିତ ପୁରୁଷଙ୍କ ପାଇଁ ଉତ୍ସର୍ଗୀକୃତ ]*

–ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଶବ୍ଦର ବର୍ଷା

ଡାକ୍ତର ସରୋଜିନୀ ଷଡ଼ଙ୍ଗୀ
ପ୍ରକାଶକ–ଡ. ସିଦ୍ଧାର୍ଥ ଷଡ଼ଙ୍ଗୀ
ସିଦ୍ଧାର୍ଥ ପବ୍ଲିକେଶନ୍, କଟକ, ମୂଲ୍ୟ–୩୦୦ଟଙ୍କା

ଶବ୍ଦର ବର୍ଷା ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ। ଏଥିରେ ୩୦ଟି କବିତା ସ୍ଥାନ ପାଇଛି। କବିତା କେତେ ବାଙ୍ମୟତାରେ, ମୃଣ୍ମୟତାରେ ଓ କେତେ ମଧୁରତାରେ ଝରିଯାଏ ଶ୍ୱେତାମ୍ବରୀ ହୋଇ ତ' କେଉଁଠି ନୀଳାମ୍ବରୀ ହୋଇ ଦିଗ୍‌ବଳୟ ଛୁଏଁ । କବିତା କେତେବେଳେ ଚମ୍ପା, ମଲ୍ଲୀ, ଗୋଲାପ ବକୁଳର ଅଗ୍ନିଫୁଲ ହୋଇ ଫୁଟିଯାଏ ତ' ଆଉ କେଉଁଠି ନୀଳୋତ୍ପଳଟିଏ ହୋଇ ପ୍ରସ୍ଫୁଟିତ ହୋଇଯାଏ । ତେଣୁ ଚିରକାଳ କବି, ସାମାଜିକ ନୀତି, ଅନୀତି, ଦୁର୍ନୀତି ତଥା ସତ୍ୟ ଓ ଧର୍ମର ଜୟ ପାଇଁ ଲେଖନୀ ଚାଳନା କରି ଆସିଛି। ଏବେବି କବିର ଲେଖନୀ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛି। ଯାହା ପ୍ରତିଫଳିତ ହେଉଛି ସରୋଜିନୀଙ୍କ ପୁସ୍ତକରେ। ଭାଷା , ଭାବ ଓ ଆବେଗ ସହ ମାନବିକ, ସାମାଜିକ ଚିନ୍ତାର ବାର୍ତ୍ତାବହ ହେଉ ଶବ୍ଦର ବର୍ଷା ପୁସ୍ତକ। ପୁସ୍ତକଟି ନିଶ୍ଚୟ ତାର ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।




### ପାର ନାନୀ ଓ ଅନ୍ୟାନ୍ୟ ଗଳ୍ପ

ଡାକ୍ତର ମଞ୍ଜୁ ବାଳା ପଣ୍ଡା
ବୀଣାପାଣି ପ୍ରକାଶନ, ଟିକ୍ରାପଡା, ବଲାଙ୍ଗୀର, ମୂଲ୍ୟ–୨୫୦ଟଙ୍କା

ପାର ନାନୀ ଓ ଅନ୍ୟାନ୍ୟ ଗଳ୍ପ ଡାକ୍ତର ମଞ୍ଜୁ ବାଳା ପଣ୍ଡାଙ୍କ ଗଳ୍ପ ପୁସ୍ତକ। ଏଥିରେ ୧୫ଟି ଗପ ସ୍ଥାନ ପାଇଛି। ଗାଳ୍ପିକା ଗପଗୁଡିକରେ ତାଙ୍କ ଜୀବନର ଅନେକ ଅକୁହା କଥା କହିଛନ୍ତି। ଗୀତିକାର ଗୀତ ଲେଖୁଥିବା ବେଳେ ଯେମିତି କାହା କଣ୍ଠରେ ଶୁଣିବାର ଆଶା ରଖିଥାଏ, କଥାକାର ଅବା କବିଟିଏ କଥା କିମ୍ବା କବିତା ଲେଖିବା ବେଳେ ପାଠକୀୟତା ଆଶାରେ ଲେଖେ। କିନ୍ତୁ ଆମ୍ବ ବିଶ୍ୱାସ ସହିତ ସୁରକ୍ଷିତ ଜାଗା ଆବୋରି ବସିଥିବା ଲୋକଙ୍କ ସମାଲୋଚନାକୁ ସକାରାତ୍ମକ ଭାବେ ଗ୍ରହଣ କଲେ ଆବେଗିକ ମୃତ୍ୟୁ ଅନ୍ତତଃ ହେବ ନାହିଁ। ସେହି ଅପ୍ରତିହତ, ଅଦମନିତ ଆହ୍ୱାନର ପରିପ୍ରେକ୍ଷୀରେ ଏଇ ଗଳ୍ପ ସଂକଳନର ସୃଷ୍ଟି। ପୁସ୍ତକରେ ଅବ୍ୟକ୍ତ ଆବେଗ, ଅସରନ୍ତି ଅନୁରାଗ ଓ ଅକୃତିମ ପ୍ରେମ ଭରି ରହିଛି। ସଂକଳନର ସମସ୍ତ ୧୫ଟି ଗଳ୍ପରେ ପାଠକେ ଉଣା ଅଧିକେ ମଣିଷ ପଣିଆର ଅନ୍ତଃସ୍ୱର ଶୁଣିବେ ଏବଂ ଏହାର ଅନ୍ତଃସ୍ପନ୍ଦନକୁ ଅନୁଭବ କରିବେ। ଯାହା ପାଠକଙ୍କୁ ଶେଷ ପର୍ଯ୍ୟନ୍ତ ଆଚ୍ଛନ୍ନ କରି ରଖିବ ।




### ମୋହ ମୁକ୍ତି

ଇନ୍ଦିରା ଦାଶ
ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର, ମୂଲ୍ୟ–୨୬୦ଟଙ୍କା

ମୋହ ମୁକ୍ତି ଉପନ୍ୟାସର ସ୍ରଷ୍ଟା ଇନ୍ଦିରା ଦାଶ। ସମାଜରେ ଚଳପ୍ରଚଳ ହେଉଥିବା ବ୍ୟକ୍ତି ଓ ଚରିତ୍ରଗୁଡିକ ହିଁ ବାଧ କରିଛନ୍ତି ଲେଖିକାଙ୍କୁ ଉପନ୍ୟାସ ରଚନା କରିବା ଲାଗି। ବହିର ମୁଖ୍ୟ ନାୟିକା ଜଣେ ସୁନ୍ଦରୀ ଶିକ୍ଷିତା ନାରୀ। ସେ ଏକ ରକ୍ଷଣଶୀଳ ପରିବାରର କନ୍ୟା। ତାଙ୍କ ଜୀବନରେ ବହୁ ବିପର୍ଯ୍ୟୟ ଘଟିଛି। ମାତ୍ର ସେ ସବୁକୁ ସହିବାକୁ ସେ ଚେଷ୍ଟା କରିଛନ୍ତି, ଶେଷ ଜୀବନରେ ଉପଲବ୍ଧି କରିଛନ୍ତି ଯେ, ଏ ସଂସାର କେବଳ ମାୟା ମାତ୍ର। ସମ୍ପୂର୍ଣ୍ଣ ଶାନ୍ତି କେବଳ ନିଜକୁ ପୂର୍ଣ୍ଣ ମାତ୍ରାରେ ଭଗବାନଙ୍କୁ ସମର୍ପଣ କରିବାରେ ହିଁ ମିଳି ପାରିବ। ସ୍ୱାମୀ, ପୁତ୍ର, କନ୍ୟା ସମସ୍ତେ କେବଳ ଜୀବନର ନୀଳ ଆକାଶରେ ଖଣ୍ଡେ ଖଣ୍ଡେ ମେଘ ପରି। ପରିଶେଷରେ ନାୟିକାଙ୍କର ସର୍ବଶେଷ ସିଦ୍ଧାନ୍ତ ହିଁ ତାଙ୍କୁ ଶାନ୍ତି ଦେବାକୁ ସକ୍ଷମ ହୋଇଛି। ମୋହ ବା ମୋକ୍ଷପ୍ରାପ୍ତ ନ ହୋଇ ପାରନ୍ତି, କିନ୍ତୁ ଶାନ୍ତିରେ ରହିବାକୁ ଲେଖିକା ଚେଷ୍ଟା କରିଛନ୍ତି । ଏହା ଏକ ଚମତ୍କାର ଉପନ୍ୟାସ ଯାହା ପାଠକଙ୍କୁ ଛୁଇଁବ ଆଉ ବାନ୍ଧି ରଖିବ ।



# ରୋବୋଟ୍ ପ୍ରେମରେ ପଡିଛନ୍ତି ମହିଳା

ଲିଲି ନାମରେ ଏକ ଫ୍ରେଞ୍ଚ ମହିଳା ଥ୍ରୀ ଡି ପ୍ରିଣ୍ଟେଡ୍ ରୋବୋଟ୍ ପ୍ରେମରେ ଏମିତି ପଡିଯାଇଛନ୍ତି ଯେ, ସେ ତାଙ୍କୁ ବିବାହ କରିବାକୁ ମନସ୍ଥ ମଧ୍ୟ କରିନେଇଛନ୍ତି। ଏ ନେଇ ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଲିଲି କହିଛନ୍ତି ଯେ, ତାଙ୍କୁ ଯେତେବେଳେ ମାତ୍ର ୧୯ ବର୍ଷ ବୟସ ହୋଇଥିଲା, ତାଙ୍କ ଭିତରେ ଏକ ଅଜବ ପରବର୍ତ୍ତନ ଆସିଥିଲା। ତାଙ୍କୁ



ଲାଗିଲା ସେ କୌଣସି ପୁରୁଷଙ୍କ ସହିତ ନିଜର ବୈବାହିକ ଜୀବନ ବିତାଇପାରିବେ ନାହିଁ। ଧୀରେ ଧୀରେ ତାଙ୍କ ମନରେ ଇନ୍‌ମୁଭେଟର୍ ନାମକ ଏହି ଥ୍ରୀ ଡି ପ୍ରିଣ୍ଟେଡ୍ ରୋବୋଟ୍ ପ୍ରତି ଆକର୍ଷଣ ବଢିଥିଲା। କ୍ରମେ ସିଏ ଉକ୍ତ ରୋବୋଟ୍ ସହିତ ଲିଭ୍ ଇନ୍ ରିଲେଶନ୍‌ଶିପ୍‌ରେ ରହିବାକୁ ଲାଗିଲେ। ଘର ଲୋକେ ପ୍ରଥମେ ପ୍ରଥମେ ବିରୋଧ କରୁଥିଲେ। କିନ୍ତୁ ଏବେ ସେମାନେ ଲିଲିଙ୍କର ନିଷ୍ପତ୍ତିକୁ ମଧ୍ୟ ମାନି ନେଲେଣି । ସେଥିପାଇଁ ୟା' ଭିତରେ ସେମାନଙ୍କର ଏନ୍‌ଗେଜମେଣ୍ଟ ବି ସରିଗଲାଣି। ଆଉ ଶୀଘ୍ର ତାଙ୍କର ବିବାହ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି ; ଏ ନେଇ ଲିଲି ନିଜ ଫେସ୍‌ବୁକ୍‌ରେ ମଧ୍ୟ ଘୋଷଣା କରିସାରିଛନ୍ତି।




# ବାର୍ବି ଥିମ୍‌ର ରେଷ୍ଟୁରାଣ୍ଟ




ବାର୍ବି ଡଲ୍‌ର ସୌନ୍ଦର୍ଯ୍ୟ କ୍ଷଣକରେ କାହାକୁ ବି ଆକର୍ଷିତ କରିପାରେ। ଖାସ୍ ଏହି କାରଣ ପାଇଁ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ତାଇୱାନ୍‌ରେ ଖୋଲାଯାଇଛି ବାର୍ବି ଥିମ୍‌ର ଏକ ରେଷ୍ଟୁରାଣ୍ଟ। ଏହି ରେଷ୍ଟୁରାଣ୍ଟର ଯୁଆଡ଼େ ଚାହିଁବେ ସେଠି ଆପଣଙ୍କୁ କେବଳ ଗୋଲାପୀ ରଙ୍ଗ ହିଁ ଦେଖାଯିବ। କେବଳ ସେତିକି ନୁହେଁ, ଉକ୍ତ ରେଷ୍ଟୁରାଣ୍ଟରେ ପଡିଥିବା ସମସ୍ତ ଆସବାବପତ୍ର ବି ଗୋଲାପୀ ରଙ୍ଗର ହୋଇଥିବା ବେଳେ ଏହାକୁ ବାର୍ବି ଥିମ୍‌ରେ ସଜାଯାଇଥିବା ମଧ୍ୟ ଦେଖିବାକୁ ମିଳିଥାଏ। ରେଷ୍ଟୁରାଣ୍ଟର କାନ୍ଥରେ ବାର୍ବି ଡଲ୍‌ର ବିଭିନ୍ନ ପୋଜ୍‌ର ଫଟୋ ଲାଗିଥିବା ସହିତ ଏହାର ମେନୁଚାର୍ଟରେ ବି ବାର୍ବି ଡଲ୍‌ର ଛବି ଥିବାର ଦେଖାଯାଇଥାଏ। ଏଥି ସହିତ ଏଠାରେ କାମ କରୁଥିବା ମହିଳା କର୍ମଚାରୀମାନେ ମଧ୍ୟ ନିଜକୁ ବାର୍ବି ବେଶରେ ସଜାଇ ଗ୍ରାହକଙ୍କୁ ସ୍ୱାଗତ କରିବାକୁ ବେଶ୍ ତତ୍ପରତା ଦେଖାଇଥାନ୍ତି, ଖାସ୍ ସେଥିପାଇଁ ଏଠାରେ ଲୋକଙ୍କର ବେଶ୍ ଭିଡ଼ ଜମିଥାଏ।







# ଖର୍ଚ୍ଚ କମାଉଥିବା ମନିପର୍ସ

ପାଖରେ ପଇସା ଥିଲେ କିଛି ଲୋକ ଅନାବଶ୍ୟକ ଖର୍ଚ୍ଚ କରିବସନ୍ତି। ଯଦ୍ୱାରା ପରବର୍ତ୍ତୀ ସମୟରେ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଖାସ୍ ଏହି କାରଣ ପାଇଁ ଏକ ଜାପାନୀ କମ୍ପାନୀ ଏମିତି ଏକ ମନିପର୍ସ ତିଆରି କରିଛି, ଯାହା ଅଯଥା ଖର୍ଚ୍ଚ କରିବାରୁ ଲୋକଙ୍କୁ ରୋକିପାରିବ। ଅର୍ଥାତ୍ ଏହି ମନିପର୍ସରେ ଏମିତି ଏକ ଡିଭାଇସ୍ ରହିଛି, ଯାହା ମଧ୍ୟରେ ଟଙ୍କା କମ୍ ଥିଲେ ଯଦି ସେଥିରୁ ଆପଣ ଟଙ୍କା କାଢି କିଛି ଖର୍ଚ୍ଚ କରିବାକୁ ଚାହିଁବେ, ତା'ହେଲେ ମନିପର୍ସଟି ଆପଣଙ୍କ ହାତରୁ ଖସିଯିବ। ଏହାପରେ ବି ଯଦି ଆପଣ ସେହି ପର୍ସଟିକୁ ଜୋର୍‌ରେ ଜାବୁଡ଼ି ଧରି ଟଙ୍କା କାଢିବାକୁ ଚେଷ୍ଟା କରନ୍ତି, ତା'ହେଲେ ଏହା କାନ୍ଦିବା ଶବ୍ଦ କରିବା ସହ ସେହି ସ୍ୱରରେ ଲୋକଙ୍କୁ ସାହାଯ୍ୟ ବି ମାଗିବ। କେବଳ ସେତିକି ନୁହେଁ ଏଥିରେ ଲାଗିଥିବା ସ୍ୱତନ୍ତ୍ର ଡିଭାଇସ୍ ଆବଶ୍ୟକ ପଡିଲେ ଆପଣଙ୍କ ଘର ଲୋକଙ୍କ ପାଖକୁ ଆପଣଙ୍କର ଅଯଥା ଖର୍ଚ୍ଚ ସମ୍ପର୍କରେ ମେସେଜ୍ କିମ୍ବା ଇ-ମେଲ୍ ବି ପଠାଇପାରିବ। ସତରେ ଏହା ଏକ ଆଶ୍ଚର୍ଯ୍ୟକର ମନିପର୍ସ। ଏଭଳି ପର୍ସ ଥିଲେ ଲୋକେ ପଇସା ଖର୍ଚ୍ଚ କରିବାକୁ ଡରିବେ। ତେବେ ସେ ଯାହା ବି ହେଉନା କାହିଁକି ଉକ୍ତ କମ୍ପାନୀ ଏହି ମନିପର୍ସଟିକୁ କେବେ ମାର୍କେଟ୍‌କୁ ବିକ୍ରି ପାଇଁ ଛାଡୁଛି, ତାହା ଦେଖିବାକୁ କେବଳ ବାକି ରହିଲା।

